






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ୀରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ଦ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ସ୍ୱତନ୍ତ୍ର ଓଡ଼ିଶାର ବିନ୍ଧାଣୀ: ମହାରାଜା କୃଷ୍ଣଚନ୍ଦ୍ର ଗଜପତି



ଓଡ଼ିଆ ଭାଷାଭାଷୀ ଅଞ୍ଚଳ ନେଇ ସ୍ୱତନ୍ତ୍ର ଏକ ପ୍ରଦେଶ ଗଠନ ହେଉ ଏଇ ପରି ଏକ ସ୍ୱପ୍ନ ଅବଶ୍ୟ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଆମ୍ଭମାନଙ୍କର ଥିଲା। ଏହାର ପ୍ରଥମ ପୁରୋଧା ଥିଲେ ଉତ୍କଳର ବରପୁତ୍ର ମଧୁସୂଦନ ଦାସ ଯାହାଙ୍କର ଜୀବନ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ ଅଥଚ ସେ ନୂତନ ଓଡ଼ିଶାର ନିର୍ମାତା ବା ବିନ୍ଧାଣୀ ହୋଇପାରିନଥିଲେ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ଗଠନ ହେବାର ଦୁଇବର୍ଷ ପୂର୍ବରୁ ସେ ଇହଧାମ ତ୍ୟାଗ କରିସାରିଥିଲେ। ଅଥଚ ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ଏବଂ ପ୍ରଭାବିତ 'ପାରଳା'ର 'ପାରିଲା' ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ପାରିଲେ। ଏଥିପାଇଁ ତାଙ୍କୁ ନୂତନ ଓଡ଼ିଶାର ନିର୍ମାତା ବୋଲି ଆମେ କହୁ। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନିଜେ ରାଜାଙ୍କର ପୁତ୍ର ଏବଂ ଉତ୍ତାରାଧିକାରୀ ହିସାବରେ ରାଜା ଉପାଧିରେ ଥିଲେ; କିନ୍ତୁ ମହାରାଜା ନଥିଲେ। ଏଇ ପାରିଲା ପଣରୁ ତାଙ୍କୁ ୧୯୩୨ ମସିହାରେ ମହାରାଜା ଉପାଧିରେ ଭୂଷିତ କରାଗଲା ଏବଂ ସେହିବର୍ଷ ବ୍ରିଟିଶ୍ ସରକାର ତାଙ୍କୁ କେ.ସି.ଆଇ.ଇ. ଉପାଧି ମଧ ଦେଇଥିଲେ। ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ଶ୍ରୀ ଗୌର ଚନ୍ଦ୍ର ଗଜପତି ଏବଂ ମା' ଥିଲେ ବିଷ୍ଣୁପ୍ରିୟା ଦେବୀ। ୧୯୧୩ ମସିହାରେ ସେ ରାଜପଦ ଗ୍ରହଣ କରିଥିଲେ। ତାଙ୍କ ପୂର୍ବପୁରୁଷମାନେ ସମସ୍ତେ ସ୍ୱାଧୀନ ଚେତାଥିଲେ ଏବଂ ପ୍ରଜାନୁରଞ୍ଜନ



ରାଜାଥିଲେ। ତେଣୁ ବ୍ରିଟିଶ ସରକାରଙ୍କର ଓଡ଼ିଶାରେ ଆବିର୍ଭାବ ଦିନଠୁ ସେ ତାଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ। ଏମାନଙ୍କର ମୂଳ ଲକ୍ଷ୍ୟଥିଲା ଜାତି ଗଠନ, ଭାଷା ଓ ସଂସ୍କୃତି ରକ୍ଷା, ଦେଶର ସ୍ୱାଧୀନତା ଏବଂ ସର୍ବୋପରି ଓଡ଼ିଆ ଜାତିର ପ୍ରାଦେଶିକ ସ୍ୱତନ୍ତ୍ରତା। ଅର୍ଥାତ୍ ଓଡ଼ିଆ ଭାଷା -ଭାଷୀ ଏବଂ ସେମାନଙ୍କୁ ପ୍ରଭାବିତ କରୁଥିବା ବା ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ସମସ୍ତ ସାଧାରଣ, ଜନଜାତି ବା ବନଜାତିକୁ ନେଇ ସ୍ୱତନ୍ତ୍ର ଏକ ଭୁଖଣ୍ଡ ପ୍ରଦେଶ ଗଠନ କରିବା। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏହାର କର୍ଣ୍ଣଧାର ଥିଲେ। ଶ୍ରୀ ଗଜପତି ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟଥିଲେ। ଡିସେମ୍ବର ୨୭ ଏବଂ ୨୮ତାରିଖ, ୧୯୧୪ ମସିହାରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାରେ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ। ସେଇଠି ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ।

ଡିସେମ୍ବର ୩, ୧୯୨୭ ମସିହାରେ ମହାତ୍ମାଗାନ୍ଧୀ ପାରଳା ଆସି ସ୍ୱାଧୀନତା ସଂଗ୍ରାମର ବୀଜ ରୋପଣ କରିଥିଲେ। ପୂର୍ବ ମହାରାଜ ଶ୍ରୀ ଗଜପତି ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ। ଏକ ସମୟରେ ଏହି ଦୁଇଟି ପାଇଁ ଆନ୍ଦୋଳନ ଚାଲୁରହିଲା। ମହାରାଜା ଗଜପତିଙ୍କ ନେତୃତ୍ୱରେ ସର୍ବଶ୍ରୀ ଯୁଗଳ କିଶୋର ପାଣିଗ୍ରାହୀ, ବଳରାମ ପଣ୍ଡା, ନାରାୟଣ ପାତ୍ରଙ୍କ ସହିତ ବହୁ ଯୁବନେତା ଯଥା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ପାଢ଼ୀ ଏବଂ ଗୋପିନାଥ ପାଢ଼ୀଙ୍କ ସହ ପାରଳା ଅଞ୍ଚଳର ଜନସାଧାରଣ ଏବଂ ମାଳାଞ୍ଚଳର ଲୋକମାନେ ସାମିଲ ହେଲେ। ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସେ ତିନିଥର ଲଣ୍ଡନ ଯାଇଥିଲେ। ତାଙ୍କ ସହ ତାଙ୍କ ପ୍ୟାଲେଶ କଣ୍ଟ୍ରୋଲର ଓ ପ୍ରାଇଭେଟ୍ ସେକ୍ରେଟାରୀଥିଲେ। ୧୯୩୦ରେ ପ୍ରଥମ ଗୋଲଟେବୁଲ୍ ବୈଠକ ସେ ବିହାର ଓଡ଼ିଶା ଅସେମ୍ବ୍ଲିର ପ୍ରତିନିଧି ଭାବେ ଯୋଗ ଦେଇଥିଲେ। ସେ ଏକ ମାତ୍ର ବ୍ୟକ୍ତିଥିଲେ ଯିଏକି ଏକ ବୈଠକରେ ସମଗ୍ର ଓଡ଼ିଶା ଭାଷା ଅଞ୍ଚଳର ଏକୀକରଣ ପାଇଁ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ଯାହାର ସାର ମର୍ମ ଥିଲା :

*"ଓଡ଼ିଆ ଜାତି ତା'ର ତଥା କଥିତ ଓ ପ୍ରଚଳିତ*
*କଳା, ସଂସ୍କୃତି ଓ ସାହିତ୍ୟର ଭାରତର ଅନ୍ୟ*
*କୌଣସି ପରମ୍ପରା ତୁଳନାରେ ନିମ୍ନମାନର ନୁହେଁ।*
*ଓଡ଼ିଶା ବିଭିନ୍ନ ଅଂଶମାନ ଏହାର ଚଉଭେଦୀ ବିଶାଳ*
*ପ୍ରଦେଶମାନଙ୍କରେ ମିଶି କରିଥିବାରୁ ଏମାନେ ଅବହେଳିତ।*
*ଯଦି ଏହାର ସମସ୍ତ ଅଂଶକୁ ଏକତ୍ରୀକରଣ କରିଦିଆଯାଏ,*
*ତେବେ ଓଡ଼ିଆ ଜାତି ଏକ ଉନ୍ନତ ଜାତିର ସମକକ୍ଷ ହେବ।"*

ପ୍ରଥମ ଗୋଲ ଟେବୁଲ୍ ବୈଠକ କଂଗ୍ରେସ ବର୍ଜନ କଲା। ଓଡ଼ିଆମାନଙ୍କର ପ୍ରଶ୍ନ ପ୍ରତି ଏହି ବୈଠକରେ କଂଗ୍ରେସର କୌଣସି ଦେଣନେଣ ନଥିଲା। କିନ୍ତୁ ଗଜପତି ମହାରାଜାଙ୍କର ଗୋରା ସାହେବମାନଙ୍କର ସହିତ ବ୍ୟକ୍ତିଗତ ବନ୍ଧୁତ୍ୱ ଥିବାରୁ ସେ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଦେଶ ଗଠନର ଯଥାର୍ଥତା ବୁଝାଇ ୧୬.୦୧.୧୯୩୧ରେ ପ୍ରତିଶ୍ରୁତିଟିଏ ନେଇଆସିଲେ। ୧୯୩୧ ମସିହାରେ ଓଡ଼େନେଲ କମିଟି ସୀମା ନିର୍ଦ୍ଧାରକ ନିଷ୍ପତ୍ତି ସରକାରଙ୍କୁ ଦେଲେ। ଏହାକୁ ଭିତ୍ତିକରି ୧୯୩୩ରେ ବ୍ରିଟିଶ ସରକାର ତାଙ୍କ ଶ୍ୱେତପତ୍ରକୁ ଶୁଣାଇଦେଲେ। ଏହି ଶ୍ୱେତପତ୍ର ଅନୁଯାୟ ପାରଳା ଓ ଜୟପୁର ସ୍ୱତନ୍ତ୍ର ଓଡ଼ିଶାରୁ ବାଦପଡ଼ିଲେ। ଏଣୁ ଏହାକୁ ପ୍ରତିବାଦ କରି ଶ୍ରୀ ଗଜପତି ଏବଂ ତାଙ୍କ ସମର୍ଥକ ଯଥା ଲିଙ୍ଗରାଜ ପାଣିଗ୍ରାହୀ, ଭୁବନ ନନ୍ଦ ଦାସ, ଶ୍ୟାମସୁନ୍ଦର ଗୟାପତ୍ର ଏବଂ ଅନ୍ୟାପ୍ରତିନିଧିମାନଙ୍କ ସହିତ ମିଶି ବିଲାତ ଯାଇ ଭାରତ ସଚିବ ସାମୁଏଲ ହୋରଙ୍କ ଦେଖାକଲେ। ଏହି ସାକ୍ଷାତ୍‌କାରରେ ଓଡ଼ିଶା ପ୍ରଦେଶ ସହିତ ଜୟପୁରକୁ ମିଶିବାକୁ ସେ ରାଜି ହେଲେ। କିନ୍ତୁ ପାରଳାକୁ ନୁହେଁ। ଏହି ପ୍ରସ୍ତାବିତ ଅପୂର୍ଣ୍ଣ ଓଡ଼ିଶା ପ୍ରଦେଶ ଗଠନ ବିରୋଧରେ ଉତ୍କଳ ସମ୍ମିଳନୀ ନିଷ୍ପତ୍ତି ନେଲା ଫେବୃଆରୀ ୧୯୩୪ ମସିହାରେ। ସେହି ବର୍ଷ ଶ୍ରୀ ଗଜପତି ପୁଣି ତୃତୀୟ ଥରପାଇଁ ବିଲାତ ଗଲେ ଏବଂ ଅନ୍ତତଃ ପାରଳା ସହ ନିଜ ରାଜ୍ୟର ତିରିଶି ଶତାଂଶ ଓଡ଼ିଶାରେ ଦାବୀ କଲେ। ସେତେବେଳେ ପାରଳାଖେମୁଣ୍ଡି ମାନ୍ଦ୍ରାଜ ପ୍ରେସିଡେନସିରେ ଥିଲା। ଏହାର କଳେବର କୋରାପୁଟ, ଗଞ୍ଜାମ, ଫୁଲବାଣୀ, ଶ୍ରୀକାକୁଲମ, ସିଂହାଙ୍କ, ଛତ୍ରଗଡ଼, ମେଦିନାପୁର, ଷଡ଼େଇକଳା ଏବଂ ଖରସୁଆଁ ଇତ୍ୟାଦି ଭେଦି ରହିଥିଲା। ସେତେବେଳର ଓଡ଼ିଶା କହିଲେ, କଟକ, ପୁରୀ ଓ ବାଲେଶ୍ୱରକୁ ବୁଝାଉଥିଲା। ଏହା ବଙ୍ଗ ପ୍ରେସିଡେନ୍ସି ଅଧୀନରେ ଥିଲା। ଏସବୁ ସତ୍ତ୍ୱେ ପାରଳାଖେମୁଣ୍ଡି ଓଡ଼ିଶାରେ ମିଶିପାରିଲା ନାହିଁ। ପାର୍ଲାମେଣ୍ଟର ବସାଯାଇଥିବା ଯୁଗ୍ମ କମିଟିର ଅଧ୍ୟକ୍ଷ ଲର୍ଡ଼ ଲିନଲିଥଗୋ ଯେତେବେଳେ ଭାରତର ବଡ଼ଲାଟ୍ ହେଲେ ଏବଂ କୃଷି କମିଶନ ଅଧ୍ୟକ୍ଷ ଭାବରେ ଶ୍ରୀ ଗଜପତିଙ୍କ ସହକର୍ମୀ ହେଲେ ସେମାନେ ଜୟପୁର ଇଷ୍ଟେଟ୍ ସହ ପାରଳା, ଜଳନ୍ତର, ମାଳଞ୍ଚ ଓ ପାରଳାଖେମୁଣ୍ଡି ଇତ୍ୟାଦିରୁ ପ୍ରସ୍ତାବିତ ଓଡ଼ିଶା ସହ ସାମିଲକୁ ସମର୍ଥନ କଲେ। ପ୍ରଥମେ ପାରଳାଖେମୁଣ୍ଡି କୋରାପୁଟରେ ଏକ ସବଡ଼ିଭିଜନ ଏବଂ ପରେ ଗଞ୍ଜାମ ଜିଲ୍ଲା ସହିତ ସଂଶ୍ଳିଷ୍ଟ ହେଲା। ଏହାପରରେ ପାରଳାଖେମୁଣ୍ଡି, ଜୟପୁର ଏବଂ କୋରାପୁଟ ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏପ୍ରିଲ ପହିଲା ୧୯୩୬ରେ ସମ୍ଭବ ହେଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ୧୯୯୨ରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ପାରଳାଖେମୁଣ୍ଡି ମହାରାଜାଙ୍କ ନାମେ ଗଜପତି ଜିଲ୍ଲା ଭାବରେ ଏହା ନାମିତ ହେଲା।

ଶୁଣାଯାଏ ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନେଇ ବାରମ୍ବାର ବିଲାତ ଯିବା ଫଳରେ ସେ ବାରମ୍ବାର ଅର୍ଥନୈତିକ ଚାପରେ ପଡ଼ିଥିଲେ ଏବଂ ସେଥିପାଇଁ କୁଆଡ଼େ ରାଜପ୍ରାସାଦର ବହୁମୂଲ୍ୟବାନ ଅଳଙ୍କାର ପ୍ରଜାଙ୍କ ମଙ୍ଗଳ ପାଇଁ ବିକ୍ରି କରିଥିଲେ ଏବଂ ସେ ସମୟରେ ଲକ୍ଷେ ଟଙ୍କା କରଜ କରିଥିଲେ। ସବୁସତ୍ତ୍ୱେ ତାଙ୍କ ମନରେ ଅବସୋଷ ରହିଗଲା। ସିଂହଭୂମି, ମେଦିନୀପୁର, ଷଡ଼େଇକଳା ଏବଂ ଖରସୁଆଁ ଇତ୍ୟାଦି ଓଡ଼ିଶାରେ ମିଶି ପାରିଲା ନାହିଁ। ଖରସୁଆଁ ପ୍ରତି ତାଙ୍କର ସାମ୍ବିକ ଏବଂ ବ୍ୟକ୍ତିଗତ ଦୁର୍ବଳତା ଥିଲା କାରଣ ସେ ଖରସୁଆଁର ରାଜ କନ୍ୟାଙ୍କୁ ସେ ବିବାହ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ସେ ଓଡ଼ିଶାର ଦି' ଦି ଥର ମୁଖ୍ୟ ମନ୍ତ୍ରୀ ହୋଇପାରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କେତେକ ଅସହଯୋଗ ଏବଂ ଅସହାୟତା ଯୋଗୁଁ ଆଉ ଆଗେଇ ପାରିନଥିଲେ। ୧୯୫୦ ମସିହା ଜାନୁଆରୀ ୨୬ତାରିଖ ଯାଏଁ ଗଣତାନ୍ତ୍ରିକରୀତିରେ ଦେଶର ନିର୍ବାଚନ ନଥିଲା। ସାମ୍ବିଧାନିକ ସରକାର ନଥିଲେ। ଏତିକିବେଳେ ଓଡ଼ିଶା ସରକାର ଚାହିଁଥିଲେ, ତାଙ୍କ ଅପୂର୍ଣ୍ଣ କାମ ପୂର୍ଣ୍ଣ କରିପାରିଥା'ନ୍ତେ। ଓଲଟି ସେମାନେ କେନ୍ଦ୍ରକୁ ଲେଖିଲେ : ବିହାର ଏବଂ ଓଡ଼ିଶା ରାଜ୍ୟର ଉକ୍ତ ଅଞ୍ଚଳଗୁଡ଼ିକରେ ଆଦିବାସୀମାନେ ବସବାସ କରୁଛନ୍ତି। ସେମାନଙ୍କର ବିଚାରବୁଦ୍ଧି ଓ ରାଜନୈତିକ ଚେତନା ଅତି ନିମ୍ନସ୍ତର। ଅତ୍ୟାଚାରୀ ରାଜାରାଜୁଡ଼ାମାନଙ୍କ ଠାରୁ ଗଣତନ୍ତ୍ର ଅଧିକାର ସାବ୍ୟସ୍ତ କରିବା ସେମାନେ ଶିକ୍ଷି ନାହାଁନ୍ତି। ଯେଉଁ ପକ୍ଷରୁ ବଳିଷ୍ଠ ପ୍ରଚାର ହେବ, ଅଶିକ୍ଷିତ ଆଦିବାସୀମାନେ ସେହି ଦିଗକୁ ଢ଼ଳିବେ। ସୁତରାଂ ସେମାନେ ଯେଉଁଠାରେ ରହିବେ, ସେକଥା ଭାରତ ସରକାରଙ୍କ ଦ୍ୱାରା ନିଷ୍ପତ୍ତି କରାଯାଉ। ତାହାହିଁ କଲେ ଭାରତ ସରକାର। ସେମାନେ ଓଡ଼ିଶାର ହେଲେ ନାହିଁ ଅଥଚ ଆମେ ଏଠି ମୁଣ୍ଡ କୋଡ଼ି ହେଉଛୁ ଯେ ଷଡ଼େଇକଳା, ଖରସୁଆଁ, ସିଂହଭୂମ ଏବଂ ମେଦିନୀପୁର ଆମର। ସତ କହିଲେ ଭାଷା ଭିତ୍ତିରେ ଏକ ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶା ନିଶ୍ଚିତ ହେଲା କିନ୍ତୁ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନର ସ୍ୱପ୍ନ ଅଧୁରା ରହିଗଲା।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

# ପେଟ ପାଇଁ ଶିଶୁ ଆଜି ରାସ୍ତାରେ...



କରୋନା ଭାଇରସ୍ ବିଶ୍ୱର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଭାରତ ମଧ ଏଥିରୁ ବାଦ ପଡିନାହିଁ। ହଜାର ହଜାର ସଂଖ୍ୟାରେ ଲୋକ ଚାକିରି ହରାଇଛନ୍ତି। ଲକ୍ଷ ଲକ୍ଷ ଶ୍ରମିକ ମୂଳ ହାରାଇ ଘରେ ବସିଛନ୍ତି। ଅନେକଙ୍କ ରୋଜଗାର ଛଡାଇ ନେଇଛି ମହାମାରୀ କରୋନା। ପିଲାମାନେ ପାଠ ପଢିବାକୁ ମଧ ଯାଉନାହାଁନ୍ତି। ସ୍କୁଲ କଲେଜ ଆଦି ବନ୍ଦ ରହିଛି। ଏପରି ସ୍ଥଳେ ଅନେକ କମ୍ ବୟସ ପିଲା ରୋଜଗାରର ବିଭିନ୍ନ ପନ୍ଥାକୁ ଆପାଣାଉଥିବା ଦେଖିବାକୁ ମିଳୁଛି। ତେଣୁ ସ୍କୁଲ ନଯାଇ ସେମାନେ ଅର୍ଥ ଉପାର୍ଜନ କରୁଥିବା ନଜରକୁ ଆସିଛି। ଫଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ମହାମାରୀ ପୂର୍ବରୁ ମଧ ଦେଶରେ ଲକ୍ଷ ଲକ୍ଷ ଶିଶୁ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏକ ରିପୋର୍ଟରୁ ଜଣାଯାଏ, ଭାରତରେ ୫.୬୦ କୋଟିରୁ ଅଧିକ ପିଲା ସ୍କୁଲଠାରୁ ଦୂରରେ ଅଛନ୍ତି। ଯାହାକି ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଭିଏତନାମରେ ସ୍କୁଲ ଯାଉ ନ ଥିବା ମୋଟ ପିଲାଙ୍କ ତୁଳନାରେ ଦୁଇଗୁଣରୁ ଅଧିକ ହେବ।ସ୍କୁଲ ଯାଉନଥିବା ପିଲାଙ୍କ ମଧ୍ୟରୁ ପାଖାପାଖି କୋଟିଏ ପିଲା ମୁଖ୍ୟ ଶ୍ରମିକ ଅଥବା ନାମମାତ୍ର ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି।

ଆମକୁ ମନେରଖିବାକୁ ହେବ ଯେ, ଶିଶୁମାନେହିଁ ଦେଶର ଭବିଷ୍ୟତ। ପ୍ରଗତିର ମୂଳଦୁଆ। ଯେଉଁ ଦେଶର ମୂଳଦୁଆ ଯେତେ ମଜଭୁତ୍ ସେ ଦେଶ ସେତେ ଶକ୍ତ ଓ ଉନ୍ନତ। ତେଣୁ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷା ଦେବା ପ୍ରତ୍ୟେକ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ। ଏହି କଥାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ସାରା ବିଶ୍ୱରେ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଇଥାଏ। ସେହିପରି ବିଭିନ୍ନ ଦେଶରେ ଭିନ୍ନଭିନ୍ନ ସମୟରେ ଶିଶୁ ଦିବସ ମଧ ପାଳନ କରାଯାଏ। ଉଦ୍ଦେଶ୍ୟ ହେଲା ଶିଶୁକୁ ବଞ୍ଚିବାର ଅଧିକାର, ନିରାପତ୍ତା ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତାମତ ପ୍ରକାଶ କରିବାର ଅଧିକାର ଦେବା ସହ ତା'ର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ କରାଇ ତାକୁ ଏକ ଉତ୍ତମ ନାଗରିକ ଓ ସୁଯୋଗ୍ୟ ଦାୟାଦ ରୂପେ ଗଢିବା। ଏହିସବୁ ପ୍ରାଥମିକ ମୌଳିକ ଅଧିକାରଗୁଡିକ ମଧ୍ୟରୁ ଶିକ୍ଷା ଅଧିକାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। କାରଣ ଏହି ଅଧିକାରଟି ଶିଶୁମାନଙ୍କୁ ଶ୍ରମକ୍ଷେତ୍ରରୁ ବାହାରକୁ ଆଣି ବିଦ୍ୟାଳୟ ପରିସରଭୁକ୍ତ କରାଇପାରିବ ଯଦ୍ୱାରା ନିଜର, ପରିବାରର, ସମାଜ ତଥା ଦେଶର ହିତ ସାଧନ କରିପାରିବ।

ଏକଥା ସତ ଯେ, ଆନ୍ତର୍ଜାତୀୟ ସ୍ତରଠାରୁ ଆରମ୍ଭକରି ଜାତୀୟସ୍ତର ଓ ବିଭିନ୍ନ ରାଜ୍ୟରେ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି, ବିଭିନ୍ନ ଯୋଜନା ରୂପାୟନ ହୋଇଛି। ଏସବୁ ସତ୍ତ୍ୱେ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୁଷ୍ଟିଯୁକ୍ତ ଆହାର ଓ ଶିକ୍ଷା ଆଦି ପ୍ରସଙ୍ଗ ଅବହେଳିତ ହୋଇଆସିଛି। ଶିଶୁଟି ଯଦି ଦୁଇଓଳି ଦୁଇମୁଠା ପେଟପୂରା ଖାଦ୍ୟ ଖାଇବାକୁ ପାଇବ ନାହିଁ ଓ ଦି' ଅକ୍ଷର ପାଠ ପଢିବାର ସୁଯୋଗ ପାଇବ ନାହିଁ, ତାହାହେଲେ ସେ ଶିଶୁ ଶ୍ରମିକ ହେବାକୁ ବାଧ ହେବ। କିନ୍ତୁ କ୍ଷୋଭର ବିଷୟ ଏହି ଯେ, ଏତେସବୁ ଆଇନ କାନୁନ, ବିଧିବ୍ୟବସ୍ଥା ଥାଇ ମଧ୍ୟ ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଫଳରେ ପେଟପାଟଣା ପାଇଁ ବହୁସଂଖ୍ୟାରେ ଶିଶୁ ବିଭିନ୍ନ କ୍ଷେତ୍ରରେ ଦୁଃଖ, ଦୁର୍ଦ୍ଦଶା, ଶୋଷଣ ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ପେଟ ଚାଖଣ୍ଡକ ପାଇଁ କିଏ ହୋଟେଲ, ଗ୍ୟାରେଜ୍



ତ' କିଏ ପୁଣି ବିଡି ବଳିବା, ଖଣିରେ ଇଟା ଭାଙ୍ଗିବା ଭଳି ବିପଦସଂକୁଳ କାମକରୁଛନ୍ତି। ଆଉ ପୁଣି କିଏ ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ଚାକର ଭାବେ କାମ କରୁଛନ୍ତି। ଏପରିକି କେତେକ ରାସ୍ତାରୁ ବା ଅଳିଆଗଦାରୁ ଭଙ୍ଗା ଟିଣ, ଲୁହା, ପ୍ଲାଷ୍ଟିକ୍ ଜରି ଇତ୍ୟାଦି ଗୋଟାଇ ଗୁଜୁରାଣ ମେଣ୍ଟାଇଥାନ୍ତି। ଏକ ହିସାବ ଅନୁଯାୟୀ ସମଗ୍ର ବିଶ୍ୱରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧୫୨ନିୟୁତ ଥିବାବେଳେ ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧,୦୧,୨୮,୬୬୬ ଏବଂ ଆମ ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୩,୩୪,୪୧୬ ରହିଛି।

ଶିକ୍ଷାକୁ ସାର୍ବଜନୀନ, ମାଗଣା ଓ ବାଧ୍ୟତାମୂଳକ କରିବାପାଇଁ କେନ୍ଦ୍ର ସରକାର ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି। ଆମ ରାଜ୍ୟରେ ଏହା ୨୦୧୦ ମସିହା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେଉଛି। ଏହି ଆଇନ କାର୍ଯ୍ୟ କରିବାର ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ଏ ଦିଗରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ। ଯେଉଁ ଶିଶୁମାନେ ମଧାହ୍ନଭୋଜନ ଆକର୍ଷଣରେ ବିଦ୍ୟାଳୟକୁ ଆସନ୍ତି, ପାରିବାରିକ ଦାରିଦ୍ର୍ୟ କାରଣରୁ ସେହି ବିଦ୍ୟାଳୟ ଶିକ୍ଷା ପରେ ପାଠପଢା ଛାଡି ଦେଇଥା'ନ୍ତି। ଆମ ରାଜ୍ୟରେ ସର୍ବଶିକ୍ଷା ଯୋଜନା ୨୦୦୧-୨୦୦୨ ମସିହାରୁ ଆରମ୍ଭ ହେଲାଣି। ଏଥିପାଇଁ ସ୍କୁଲରେ ମାଗଣା ପୁସ୍ତକ, ପୋଷାକ ଓ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ତଥାପି ଆମ ରାଜ୍ୟରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ବିଦ୍ୟାଳୟ ବାହାରେ ରହିଯାଉଛନ୍ତି। ସ୍କୁଲରେ ଉପସ୍ଥାନ ସଂଖ୍ୟା ବଢିଥିଲେ ମଧ୍ୟ ଅଧାରୁ ଅନେକ ଶିଶୁ ପାଠ ଛାଡିବା ଦେଖାଯାଉଛି। ସବୁ ଉଦ୍ୟମ ସତ୍ତ୍ୱେ ଏବଂ ସ୍ୱାଧୀନତାର ୭୩ ବର୍ଷ ପରେ ବି ବିଶ୍ୱର ଏକ ତୃତୀୟାଂଶ ନିରକ୍ଷର ଲୋକ ଆମ ଦେଶରେ ଅଛନ୍ତି। ଏହାର କାରଣ ଓ ନିରାକରଣ ସମ୍ପର୍କରେ ତର୍ଜମା କରିବାର ଅଛି।

ଶିଶୁ ଶ୍ରମିକ ବ୍ୟବସ୍ଥାର ଜନନୀ ହେଉଛି ଦାରିଦ୍ର୍ୟ। ଅର୍ଥାତ୍ ଦାରିଦ୍ର୍ୟ ଦୂର ନହୋଇପାରିଲେ ଯେତେ ଯୋଜନା କଲେବି ତାହା ଫଳପ୍ରସୂ ହୋଇପାରିବ ନାହିଁ। ଏକ ଆକଳନ ଅନୁଯାୟୀ ଦେଶର ୭୭ ଭାଗ ଲୋକ ଦୈନିକ ୨୦ ଟଙ୍କା ବି ଆୟ କରିପାରୁନାହାନ୍ତି। ମିଳିତ ଜାତିସଂଘର ସହସ୍ରାବ୍ଦୀ ଲକ୍ଷ୍ୟରେ କୁହାଯାଇଥିଲା ୨୦୧୫ ସୁଦ୍ଧା ଦାରିଦ୍ର୍ୟ, କ୍ଷୁଧା ଓ ରୋଗ ବିରୋଧରେ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରାଯିବ। ମାତ୍ର ଅଦ୍ୟାବଧି ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଦାରିଦ୍ର୍ୟ ହେତୁ ଦେଶର ସାକ୍ଷରତା ହାର ୭୫ ପ୍ରତିଶତ ତଳେ ରହିଛି। ୧୦ ବର୍ଷ ବୟସର ଶିଶୁଙ୍କ ମଧ୍ୟରେ ଅର୍ଦ୍ଧେକ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଠପଢାର ସୁଯୋଗ ପାଆନ୍ତି ନାହିଁ। ୧୦ ଭାଗରୁ ଏକ ଭାଗ ଶିଶୁ କଲେଜ ପର୍ଯ୍ୟନ୍ତ ପହଞ୍ଚି ଥାଆନ୍ତି। ଏ ଦିଗରେ କିପରି ସୁଧାର ଆସିବ ସେ ଦିଗରେ ଚିନ୍ତା କରିବାକୁ ପଡିବ ଓ ସମସ୍ତ ଶିଶୁଙ୍କୁ ଶିକ୍ଷା ସୁଯୋଗ ଦେବାକୁ ହେବ। କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୁଖ୍ୟ ଆୟୁଧ ଓ ପ୍ରଗତିର ଚାବିକାଠି। ଏଣୁ, ଶିକ୍ଷା ଅଧିକାର ଆଇନ ବଳରେ ଶିଶୁ ଶ୍ରମିକମାନଙ୍କୁ ବିଦ୍ୟାଳୟ ପରିସରକୁ ଆଣିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯିବା ଜରୁରୀ।

ଏଥିସହିତ ଦେଶର ଗରିବ ଲୋକ ଯେତିକି ରୋଜଗାର କରନ୍ତି ତା'ର ୮୦ ପ୍ରତିଶତ ଖାଦ୍ୟ ପାଇଁ ବ୍ୟୟ କରିଥାନ୍ତି। ତେଣୁ, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସେମାନଙ୍କର ସାମର୍ଥ୍ୟ ରହେନାହିଁ। ଯଦ୍ୱାରା ଦେଶରେ ୪୨ ପ୍ରତିଶତ ଶିଶୁ ପୁଷ୍ଟିହୀନତାର ଶିକାର। ଅର୍ଥାତ୍ ଏମାନଙ୍କ ଓଜନ ବୟସ ଅନୁସାରେ ସ୍ୱାଭାବିକ ଓଜନଠାରୁ ଯଥେଷ୍ଟ କମ୍। ଦେଶର ପ୍ରତି ଏକ ହଜାର ଶିଶୁଙ୍କ ମଧ୍ୟରୁ ୫୩ ଜଣ ଶିଶୁଙ୍କର ଅକାଳ ମୃତ୍ୟୁ ଘଟୁଛି। କେବଳ ସେତିକି ନୁହେଁ ଦେଶରେ ପ୍ରତିଦିନ ୬ ହଜାର ଶିଶୁ ମୃତ୍ୟୁବରଣ କରୁଛନ୍ତି। ଏହା ଏକ ଜାତୀୟ ଲଜ୍ଜା। ଆମ ରାଜ୍ୟ କଥା ଆହୁରି ତଦ୍ରୂପ। ଏସବୁ କାରଣରୁ ଶିଶୁ ସମ୍ପଦ ବିଡମ୍ବିତ ଅବସ୍ଥାରେ ରହିଛି। ଯେଉଁମାନେ ଶିଶୁ ଶ୍ରମିକ ହେଉଛନ୍ତି ସେହି କୋମଳମତି ଶିଶୁ ନିର୍ଯ୍ୟାତନା ତଥା ଶୋଷଣ-ପୀଡନର ଶିକାର ହେଉଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ଶିଶୁବିକ୍ରି ଓ ଶିଶୁ ଚାଲାଣ ଭଳି ସ୍ପର୍ଶକାତର ପ୍ରସଙ୍ଗ ତଥା କଳଙ୍କିତ ଘଟଣା ଲୋକଲୋଚନକୁ ଆସୁଛି। ଶିଶୁ ଶ୍ରମିକମାନଙ୍କ ମଧ୍ୟରୁ ୫୩ ପ୍ରତିଶତ ଶିଶୁ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଯେଉଁସବୁ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାପାଇଁ ଆଇନଗତ ଭାବେ ନିଷିଦ୍ଧ କରାଯାଇଛି ସେସବୁ କ୍ଷେତ୍ରରେ ଆଇନକୁ ଉଲଙ୍ଘନ କରି ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଛି। ଏଥିରୁ ଜଣାପଡୁଛି ଶିଶୁ ଶ୍ରମିକ ନିରୋଧ ଆଇନ କେବଳ ନାମକୁ ମାତ୍ର।

ୟୁନିସେଫ ଦ୍ୱାରା ପ୍ରସ୍ତୁତ ଏକ ତଥ୍ୟ ଅନୁଯାୟୀ କରୋନା ସଂକ୍ରମଣଜନିତ ଆର୍ଥିକ ଦୁଃସ୍ଥିତି କାରଣରୁ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକରେ ଏହି ବର୍ଷ ଶେଷ ସୁଦ୍ଧା ଯେତିକି ନୂଆ ଗରିବ ପରିବାର ସୃଷ୍ଟି ହେବେ ସେଥିରେ ୮୬ ନିୟୁତ ଶିଶୁ ଦାରିଦ୍ର୍ୟ ମୁହଁକୁ ଠେଲି ହୋଇଯିବେ। ଏମାନଙ୍କ ସଂଖ୍ୟା ମିଶିଲେ ଏବର୍ଷ ଶେଷ ବେଳକୁ ପୃଥିବୀରେ ଦରିଦ୍ର ପରିବାରର ଶିଶୁମାନଙ୍କ ସଂଖ୍ୟା ୯୭୨ନିୟୁତ ହୋଇଯିବ। କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ତାଲା ବନ୍ଦ ଭଳି ପଦକ୍ଷେପ ପୃଥିବୀର ସବୁ ରାଷ୍ଟ୍ରରେ ନିଆଯାଇଥିବା ହେତୁ ଆର୍ଥିକ ଦୁଃସ୍ଥିତି ଉଗ୍ରରୂପ ଧାରଣ କରିଛି। ତେଣୁ ଏହି ପିଢିର ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ ବୋଲି ୟୁନିସେଫ କହିଛି। ଏପରିକି କରୋନା ମହାମାରୀ ଆଉ କିଛିଦିନ ବଳବତ୍ତର ରହିଲେ ପ୍ରତିବର୍ଷ ବିଶ୍ୱରେ କୋଡିଏ ଲକ୍ଷରୁ ଅଧିକ ମୃତଶିଶୁ ଜନ୍ମ ନେବାର ଆଶଙ୍କା ରହିଥିବା ଚେତାବନୀ ଶୁଣାଇଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ୟୁନିସେଫ୍। ବିଶେଷ କରି ଭାରତ ପରି ଜନବହୁଳ ଓ ବିକାଶମୁଖୀ ରାଷ୍ଟ୍ରରେ ଶିଶୁମାନଙ୍କ ଭବିଷ୍ୟତ ଉଦ୍‌ବେଗଜନକ ଅଟେ। ଏଥିପାଇଁ ସବୁ ସ୍ତରରେ ମିଳିତ ପ୍ରୟାସ ଲୋଡା।

**ହିମାଂଶୁଶେଖର ଆଚାର୍ଯ୍ୟ, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ- ୯୩୩୭୨୨୧୯୨୪**

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଚଣ୍ଡିଆଗଡି ଗ୍ରାମର କୃଷ୍ଣଚନ୍ଦ୍ର ସେଠୀଙ୍କର ଗତ ସୋମବାର ସନ୍ଧ୍ୟାରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ଥିଲେ। ସ୍ୱର୍ଗତ ସେଠୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଆଶ୍ରିତ ହୋଇଥିବାରୁ ଆଳିରେ ନିର୍ମାଣ ହେଉଥିବା ସତସଙ୍ଗ ବିହାରର ଯାବତୀୟ କାର୍ଯ୍ୟକୁ ସୁରୁଖୁରୁରେ ଦାୟିତ୍ୱର ସହ ନିର୍ବାହ କରୁଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଆଳି ସତସଙ୍ଗ ବିହାରର ଭାଇମାନଙ୍କ ପାଇଁ ଅପୁରଣୀୟ କ୍ଷତି ବୋଲି ସତସଙ୍ଗ ବିହାର ଦାୟିତ୍ୱରେ ଥିବା ସହପ୍ରତି ଋତିକ୍ ରମାକାନ୍ତ ମିଶ୍ର ଓ ଜୟନ୍ତ ପରିଡା କହିଛନ୍ତି। ତାଙ୍କର ଶେଷକୃତ୍ୟ ଗ୍ରାମ୍ୟଶ୍ମଶାନରେ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇଥିଲେ। ଦୁଇପୁତ୍ର ଇଂ. ଅନିଲ ସେଠୀ, ଆଲୋକ ସେଠୀଙ୍କ ସମେତ ବନ୍ଧୁ ପରିବାରବର୍ଗ, ଗୁରୁଭ୍ରାତା ଓ ମା'ମାନେ ଉପସ୍ଥିତ ଥିଲେ।

## ପ୍ରସିଦ୍ଧ ବାଣୀପୀଠ ସମ୍ମାନ ପାଇବେ ଦମନ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ମୟୁରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ବାଣୀପୀଠ ସମ୍ମାନ ପାଇବା ପାଇଁ କେନ୍ଦ୍ରାପଡାର ସମାଜସେବୀ ଦମନ କୁମାର ମହାନ୍ତି ମନୋନିତ ହୋଇଛନ୍ତି। ଶ୍ରୀ ମହାନ୍ତି ହେଉଛନ୍ତି ଶ୍ରୀଧର ମହାନ୍ତି ଓ ଜ୍ୟୋସ୍ନାରାଣୀ ମହାନ୍ତିଙ୍କ ସୁପୁତ୍ର ତଥା ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି। ଶ୍ରୀ ମହାନ୍ତିଙ୍କ ନିଃସ୍ୱାର୍ଥପର ସମାଜସେବା ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ। କେନ୍ଦ୍ରାପଡା ମାଟିର ପୁଅ ହିସାବରେ ଶ୍ରୀ ମହାନ୍ତିଙ୍କ ଏହି ସମ୍ମାନ ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି। ଏଥିପାଇଁ ଶ୍ରୀ ମହାନ୍ତି ଓ ତାଙ୍କ ପିତାମାତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## କମ୍ୟୁନିଷ୍ଟ କର୍ମୀ ନିରଞ୍ଜନ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ-ମହାକାଳପଡା ଅଞ୍ଚଳର ବିଶିଷ୍ଟ କମ୍ୟୁନିଷ୍ଟକର୍ମୀ,ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବାଲଣା - ଆଦମପୁର ଶାଖାର ସମ୍ପାଦକ ସାଥୀ ନିରଞ୍ଜନ ଦାସଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଜନ୍ମମାଟି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାଲଣା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବର୍ଷୀୟାନ କମ୍ୟୁନିଷ୍ଟ କର୍ମୀ ସାଥୀ ଗୁରୁବାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପାର୍ଟିର ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଜୋନ ସମ୍ପାଦକ ବିକାଶ ଚନ୍ଦ୍ର ବେଉରା, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ଜିଲ୍ଲା କଂଗ୍ରେସ ପଛୁଆବର୍ଗ ସେଲେ ଅଧ୍ୟକ୍ଷ ବିଧୁଭୂଷଣ ମହାପାତ୍ର, ଭାବଗ୍ରାହୀ ପତି, ରବୀନ୍ଦ୍ର ନାୟକ, ତଅପୋଇ ରାଉତ, ପୁରୁଷୋତ୍ତମ ଦାସ, ଅନୁ ପ୍ରସାଦ ନାୟକ, ରଞ୍ଜନ ପାଇଟାଳ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଦୀର୍ଘ ୪୦ବର୍ଷ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରି ତାଙ୍କୁ ସାଧାରଣ ମଣିଷର ଦରଦୀ ବନ୍ଧୁ ଓ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ରୂପେ ଅଭିହିତ କରିଥିଲେ। ନିଜ ଅଞ୍ଚଳର ଭାଗଚାଷୀ ଆନ୍ଦୋଳନରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ଜନ ଆନ୍ଦୋଳନରେ ସେ ଜଣେ ନିଷ୍ଠାପର କର୍ମୀ ଭାବରେ ନିଜର ଭୂମିକା ନିର୍ବାହ କରୁଥିଲେ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ପାର୍ଟି ଶାଖାର ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗତାୟୁ ଦାସଙ୍କ ପୁତ୍ର ଅରବିନ୍ଦ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ସମ୍ବଲପୁର ମହାନଗର ବିଜେଡି ପକ୍ଷରୁ ମାସ୍କ ବଣ୍ଟନ



ସମ୍ବଲପୁର (ପିଏନ୍): ସ୍ଥାନୀୟ ଜେଲ ଛକଠାରେ ସମ୍ବଲପୁର ମହାନଗର ବିଜୁ ଜନତା ଦଳ ପକ୍ଷରୁ ଗତ ୨୦ ତାରିଖ ପୂର୍ବାହ୍ନ ୧୦ଟା ବେଳେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାନଗର ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ତଥା ଦଳୀୟ ପ୍ରବକ୍ତା ତଥା ରାଜ୍ୟ ସାଧାରଣ ସଂପାଦିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ପୂର୍ବତନ ଜିଲ୍ଲା ସଭାପତି ଡକ୍ଟର ପ୍ରମୋଦ ରଥ, ରାଜ୍ୟ ଯୁବ ବିଜୁ ଜନତା ଦଳ ସାଧାରଣ ସଂପାଦକ ହୀରାଲାଲ ବେହେରା, ବରିଷ୍ଠ ନେତା ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି ପ୍ରମୁଖ ନେତୃତ୍ୱରେ ଯାତାୟାତ କରୁଥିବା ପଥଚାରୀ, ବାଇକ ଆରୋହୀମାନଙ୍କୁ 'ମାସ୍କ' ପ୍ରଦାନ କରାଯାଇଥିଲା। କରୋନାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରିବା ପାଇଁ ମଧ ପରାମର୍ଶ ଦିଆଯାଉଥିଲା। ସମ୍ବଲପୁର ମହାନଗର ବିଜେଡିର କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ମଇ ୨୮**

# ଭୂତଳ ଜଳ ବିଷାକ୍ତ !

ନିକଟଅତୀତରେ ଜଳସଂପଦ ମନ୍ତ୍ରଣାଳୟର ସଂସଦୀୟ ପରାମର୍ଶଦାତା କମିଟି ବୈଠକରେ ଭୂତଳ ଜଳର ବିକାଶ ଓ ପରିଚାଳନା ସମ୍ପର୍କରେ ଉପସ୍ଥାପିତ ରିପୋର୍ଟର ପରିସଂଖ୍ୟାନ କେତେକ ଭୟଙ୍କର ସତ୍ୟକୁ ଲୋକଲୋଚନକୁ ଆଣିଛି । 'ୱାଟର ଏଡ୍' ନାମକ ଏକ ସଂଗଠନର ଗବେଷଣାକୁ ଆଧାର କରି ପ୍ରସ୍ତୁତ ଏହି ରିପୋର୍ଟ ଅନୁସାରେ ଦେଶର ୪୦୦ରୁ ଅଧିକ ଜିଲାରେ ଭୂତଳ ଜଳ କ୍ରମାଗତ ବିଷାକ୍ତ ହୋଇଚାଲିଛି । ସେସବୁ ଜିଲାଗୁଡ଼ିକରେ ପାଣିରେ ଫ୍ଲୋରାଇଡ଼, ଆର୍ସେନିକ, ନାଇଟ୍ରେଟ୍, ଆଇରନ୍, ସୋଡିୟମ୍, କ୍ରୋମିୟମ୍ ଭଳି ପ୍ରାଣଘାତୀ ରାସାୟନିକ ଦ୍ରବ୍ୟ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି । ତେବେ ଏହା ପ୍ରଥମ ଥର ଜଣାପଡ଼ିନାହିଁ । ଏ ନେଇ ଆଗରୁ ମଧ୍ୟ ପରୀକ୍ଷାନିରୀକ୍ଷା ହୋଇଛି; କିନ୍ତୁ ଦୁଃଖର କଥା ଯେ ଏସବୁ ଅଞ୍ଚଳରେ ଏବେ ବି ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା କରାଯାଇନଥିବାରୁ ଲୋକେ ସେହି ବିଷାକ୍ତ ଜଳ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ସେମାନେ ବହୁ ଭୟଙ୍କର ବ୍ୟାଧିରେ ପୀଡ଼ିତ ହେଉଛନ୍ତି । ଫ୍ଲୋରାଇଡ଼ଯୁକ୍ତ ପାଣି ପିଇଲେ କେବଳ ଦାନ୍ତ ନୁହେଁ, ଶରୀରର ହାଡ଼ଗୁଡ଼ିକ ମଧ୍ୟ ଅତ୍ୟନ୍ତ ଦୁର୍ବଳ ହୋଇପଡ଼େ । ଆର୍ସେନିକ ଥିବା ପାଣି ଦୀର୍ଘ ସମୟ ଧରି ବ୍ୟବହାର କଲେ ଚର୍ମକର୍କଟ, ଫୁସ୍‌ଫୁସ୍ ଓ ବୃକକ୍ ନଷ୍ଟ ଆଦି ରୋଗ ହୋଇଥାଏ । ଯେଉଁ ଅଞ୍ଚଳଗୁଡ଼ିକର ପାଣିରେ ଏସବୁ ରାସାୟନିକ ଦ୍ରବ୍ୟ ମିଶି ରହିଛି, ସେଠାକାର ଲୋକଙ୍କୁ ଦେଖିଲେ ସ୍ଥିତି କେତେ ଭୟଙ୍କର ତାହା ସହଜରେ ଜଣାପଡ଼ିଯାଏ । ଆମ ଦେଶର ଓଡ଼ିଶା ସମେତ ରାଜସ୍ଥାନ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କେରଳ, ମହାରାଷ୍ଟ୍ର, ବିହାର, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଗୁଜରାଟରେ ଫ୍ଲୋରାଇଡ଼ଯୁକ୍ତ ଜଳ ଦ୍ୱାରା ପୀଡ଼ିତ ଲୋକଙ୍କ ସଂଖ୍ୟା ବେଶି । ଆମ ରାଜ୍ୟର ନୂଆପଡ଼ା, କଳାହାଣ୍ଡି, ବାଲେଶ୍ୱର ଆଦି ଜିଲାର କେତେକ ଅଞ୍ଚଳରେ ଲୋକେ ଏପରି ବିଷାକ୍ତ ଜଳ ଦ୍ୱାରା ବିଭିନ୍ନ ରୋଗ ଭୋଗୁଥିବାର ଖବର ପ୍ରତିବର୍ଷ ଆସେ; ମାତ୍ର ସେଥିପ୍ରତି ସରକାର ଯେଉଳି ଧ୍ୟାନ ଦେବା କଥା ଏ ପର୍ଯ୍ୟନ୍ତ ଦେଉନାହାନ୍ତି । ଏକ ରିପୋର୍ଟ ଅନୁସାରେ ଭାରତରେ ପ୍ରତିବର୍ଷ ଅଢ଼େଇ କୋଟିରୁ ଅଧିକ ଲୋକ ଫ୍ଲୋରାଇଡ୍ ତଥା ଅନ୍ୟ ବିଷାକ୍ତ ରାସାୟନିକ ଦ୍ରବ୍ୟଯୁକ୍ତ ଜଳ ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ପ୍ରଦୂଷିତ ପାଣି ପିଇ ପ୍ରତିବର୍ଷ ହଜାରହଜାର ଶିଶୁଙ୍କ ମୃତ୍ୟୁ ଘଟୁଛି । ଜନସ୍ୱାସ୍ଥ୍ୟ ନେଇ ସରକାର ସର୍ବଦା ଚିନ୍ତିତ ବୋଲି କହୁଥିଲେ ହେଁ ସେଥିରେ ଯେତିକି ଖର୍ଚ୍ଚ କରିବା କଥା, ବଜେଟ୍‌ରେ ସେତିକି ଅର୍ଥ ଦେବାକୁ କୁଣ୍ଠିତ ହୁଅନ୍ତି । ଫଳରେ ସମଗ୍ର ଦେଶରେ ସ୍ୱାସ୍ଥ୍ୟବିଭାଗର ଅବ୍ୟବସ୍ଥା ସମସ୍ତେ ଅଙ୍ଗେ ନିଭାଉଛନ୍ତି । ରୋଗର ଚିକିତ୍ସା ଅପେକ୍ଷା ତା'ର ନିରାକରଣ ବ୍ୟବସ୍ଥା କରିବା ସବୁଠୁ ଭଲ । ବିଭିନ୍ନ ରୋଗର ମୁକାବିଲା କରିବାରେ ଖର୍ଚ୍ଚ କରିବା ଅପେକ୍ଷା ଜଳ ପରିଚାଳନା ଉପରେ ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ । ଏଭଳି ଉପାୟ ଖୋଜିବାକୁ ପଡ଼ିବ, ଯେପରିକି ଜଳରେ ବିଷାକ୍ତ ରାସାୟନିକ ଦ୍ରବ୍ୟ ମିଶିବ ନାହିଁ । ବର୍ତ୍ତମାନ ବିଭିନ୍ନ କଳକାରଖାନାରୁ ମଧ୍ୟ ବିଷାକ୍ତ ଦ୍ରବ୍ୟ ଯାଇ ପାଣିରେ ମିଶୁଛି ଓ ତା'କୁ ସାଧାରଣ ଲୋକେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଭୂତଳ ଜଳକୁ ପ୍ରଦୂଷଣରୁ ରକ୍ଷା କରିବା ସହ ତା'ର ସୁପରିଚାଳନା କିଭଳି ହୋଇପାରିବ, ତାହା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପ୍ରକାରେ ଯେମିତି ଭୂତଳ ଜଳର ମାତ୍ରାତିରିକ୍ତ ଦୋହନ କରାଯାଉଛି, ତାହା ବନ୍ଦ ହେବା ଆବଶ୍ୟକ । ଦେଶର ଅନେକତ୍ର ଭୂତଳ ଜଳର ପରିମାଣ ମଧ୍ୟ ଚିନ୍ତାଜନକ ଭାବେ ହ୍ରାସ ପାଉଥିବା ରିପୋର୍ଟରେ ପ୍ରକାଶ ପାଇଛି । ୧୯୮୭ ମସିହାରେ ପ୍ରଥମ ଜାତୀୟ ଜଳ ନୀତି ପ୍ରସ୍ତୁତ ହୋଇଥିଲା ଓ ୨୦୦୨ରେ ତା'ର ନୂଆ ସଂସ୍କରଣ ମଧ୍ୟ ତିଆରି କରାଗଲା । ମାତ୍ର ତଦନୁରୂପ ଢାଞ୍ଚାଗତ ବିକାଶ କରାଯାଇ ପାରିନଥିବାରୁ ସମସ୍ତଙ୍କୁ ସ୍ୱଚ୍ଛ ଜଳର ଉପଲବ୍ଧତା ଏବେ ମଧ୍ୟ ସୁନିଶ୍ଚିତ ହୋଇପାରିନାହିଁ । କେନ୍ଦ୍ର ସରକାର ଏବେ ଭୂତଳ ଜଳ ସମ୍ବନ୍ଧରେ ଏକ ମଡେଲ୍ ବିଲ୍ ପ୍ରସ୍ତୁତ କରିବା ସହ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ପଠାଇଛନ୍ତି । ଏଥିରେ ଭୂତଳ ଜଳ ପରିଚାଳନାର ନିୟମକାନୁନ ସହ ବର୍ଷାଜଳ ସଞ୍ଚୟ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି । ଇତିମଧ୍ୟରେ କେତେକ ରାଜ୍ୟ ଏହି ବିଲ୍‌କୁ ଅନୁସରଣ କରି ଆଇନ ତିଆରି କରିଥିବା ଜଣାପଡ଼ିଛି । ଓଡ଼ିଶା ସରକାର ଏ ନେଇ କ'ଣ କରିଛନ୍ତି, ଆମ ପାଖରେ ନିର୍ଦ୍ଦିଷ୍ଟ ଖବର ନାହିଁ କିମ୍ବା ଯଦି କରିଛନ୍ତି, ତା'ର କାର୍ଯ୍ୟାନ୍ୱୟନ ଆମକୁ ଦିଶୁନାହିଁ । ଆଇନ କରିବାଠାରୁ ତା'କୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ବେଶି ଗୁରୁତ୍ୱପୂର୍ଣ୍ଣ । ସରକାର ଜନସ୍ୱାସ୍ଥ୍ୟକୁ ଯଦି ଗୁରୁତ୍ୱ ଦେବେ, ତା'ହେଲେ ଏହି କାମଟି ତାଙ୍କୁ ଖୁବ୍ ଜରୁରୀ ମନେହେବ । ସ୍ୱଚ୍ଛ ପାନୀୟ ଜଳର ସୁବନ୍ଦୋବସ୍ତ ସହ ଜଳ ପରିଚାଳନା କରିବା ଓ ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି କରିବା ସରକାରଙ୍କ କର୍ତ୍ତବ୍ୟ ହେଉ ।

## ଆଜିର ଅନୁଚିନ୍ତା

**ପାର୍ଥିବ ନୟନକୁ ବନ୍ଦ ନ କଲେ,
ଅପାର୍ଥିବ ନୟନ ଫିଟିବ କିପରି ?**

# ଅକୃତଜ୍ଞର ଶାସ୍ତି

ସାଧୁ ମହାତ୍ମା ଜଙ୍ଗଲରେ କୁଟୀର ନିର୍ମାଣ କରି ରହୁଥିଲେ । ସ୍ୱଭାବରେ ଥିଲେ ଅତିଶୟ ଦୟାଳୁ, ପରୋପକାରୀ, ଜପତପ ଥିଲା ପ୍ରମୁଖ କାର୍ଯ୍ୟ । ଦିନେ ମହାତ୍ମା ଧ୍ୟାନରେ ବସିଥିବା ସମୟରେ ଏକ ମୂଷିକ ଶାବକ ତାଙ୍କ ଉପରେ ଚଢ଼ି ଡେଇଁବାକୁ ଲାଗିଲା । ସାଧୁଙ୍କର ଧ୍ୟାନ ଭଙ୍ଗ ହେଲା । ଆଖି ଖୋଲି ଦେଖିଲେ ମୂଷିକ ଶାବକକୁ । ଶ୍ରଦ୍ଧାରେ ହାତରେ ଧରି କହିଲେ- ''କ'ଣ ଭାଇ କଥା କ'ଣ ? କିଛି ଅସୁବିଧାରେ ପଡ଼ିଛ କି ? କୁହ ତୁମେ କ'ଣ ଚାହୁଁଛ, ମୁଁ ତୁମକୁ ସାହାଯ୍ୟ କରିବାକୁ ରାଜି ।'' ମୂଷିକ ହାତଯୋଡ଼ି କହିଲା- ମହାତ୍ମନ୍ ! ମୁଁ ଶୁଣିଛି ଆପଣ ସମସ୍ତଙ୍କର କାମନା ପୂରଣ କରିଥା'ନ୍ତି । ମୋର ଛୋଟ ଇଚ୍ଛାଟିଏ କୃପା କରି ପୂରଣ କରନ୍ତୁ । ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଆପଣଙ୍କର ଗୁଣଗାନ କରୁଥିବି । ଆପଣଙ୍କ ନିକଟରେ କୃତଜ୍ଞ ରହିବି । ''ହଁ, ହଁ, କହିପାର, ତୁମେ ମୋ'ଠାରୁ କ'ଣ ଚାହୁଁଛ''- ସାଧୁ ମହାତ୍ମା କହିଲେ । ମୂଷିକ କରୁଣ ଭାବରେ କହିଲା- ମହାରାଜ ! ମୁଁ ଏକ କ୍ଷୁଦ୍ର ଜୀବ, ଜଙ୍ଗଲରେ ଅନେକ ବଡ଼ବଡ଼ ଜୀବ ଅଛନ୍ତି । ସେମାନେ ମୋତେ ଦେଖିଲା ମାତ୍ରେ, ବିଶେଷକରି ବିଲେଇ, ଖାଇବା ପାଇଁ ଦୌଡ଼ୁଛନ୍ତି । ମୁଁ ବହୁ କଷ୍ଟରେ ସେମାନଙ୍କ କବଳରୁ ନିଜକୁ ରକ୍ଷା କରୁଛି । ସର୍ବଦା ଭୟଭୀତ ଅବସ୍ଥାରେ ରହୁଛି । କୃପାକରି ମୋତେ ବିଲେଇଟିଏ କରି ଦିଅନ୍ତୁ, ମୁଁ ନିର୍ବିଘ୍ନରେ ରହିପାରିବି । ମୂଷିକର ଦୁଃଖଦେଖି ମହାତ୍ମାଙ୍କର ଦୟାହେଲା । ସିଦ୍ଧି ବଳରେ ତାକୁ ବିଲେଇ କରିଦେଲେ । ବିଲେଇ ରୂପରେ କିଛିଦିନ ରହିବାପରେ ମହାତ୍ମା ନିକଟକୁ ପୁଣି ଦିନେ ଆସି ନିଜ ଦୁର୍ଦ୍ଦଶା ବର୍ଣ୍ଣନା କରି



ଆଧାର୍ମିକ ଶିକ୍ଷଣ ସ୍ତମ୍ଭ
**କଳ୍ପବଟ**....

ବିଲେଇରୁ କୁକୁର ହେବାପାଇଁ ପ୍ରାର୍ଥନା କଲା । କୁକୁର ହୋଇ କିଛିଦିନ ରହିବା ପରେ ଉଚ୍ଚାଶା କ୍ରମଶଃ ବଢ଼ିବାରେ ଲାଗିଲା । ମନେମନେ ଭାବିଲା, କୁକୁରହୋଇ ରହିବା ଅପେକ୍ଷା ଜଙ୍ଗଲରେ ରାଜା ହୋଇ ରହିବା ଅତି ଭଲ ହେବ । ପୁନଃ ସାଧୁଙ୍କ ନିକଟକୁ ଆସି ନିଜର ଦୁରବସ୍ଥା ଓ ଇଚ୍ଛା ପ୍ରକଟ କଲା । ଦୟାଳୁ ସାଧୁ ଇଚ୍ଛାଅନୁଯାୟୀ ତାକୁ ସିଂହ କରିଦେଲେ । ସାମାନ୍ୟ କୁକୁରରୁ ପଶୁରାଜ ସିଂହ ହେବାପରେ ତା'ର ଅହଂକାର ବହୁତ ବଢ଼ିଗଲା । ଦିନେ ସାଧୁ ମହାତ୍ମା ଜଙ୍ଗଲ ମଧ୍ୟ ଦେଇ ଏକ ସ୍ଥାନକୁ ଯାଉଥିଲେ । ରାସ୍ତାରେ ହାବୁଡ଼ିଗଲେ ଆଶୀର୍ବାଦ ବଳରେ ବିଲେଇରୁ ରୂପପରିବର୍ତ୍ତନ କରିଥିବା ସେହି ସିଂହକୁ । ସିଂହଟି ସାଧୁ ମହାତ୍ମାଙ୍କ ବାଟ ଓଗାଳି କହିଲା, ମୁଁ ବହୁତ ଭୋକିଲା ଅଛି । ଆଜି ତୋତେ ଖାଇ ମୋର କ୍ଷୁଧା ଜ୍ୱାଳା ନିବାରଣ କରିବି । ସାଧୁ ମହାତ୍ମା ଯୋଗବଳରେ ସବୁକିଛି ଜାଣିପାରିଲେ । କହିଲେ 'ଆରେ, ତୁ ମୋତେ ଭୁଲିଗଲୁଣି, ଚିହ୍ନି ପାରୁନୁ । ମୁଁ ତ ସେଇ ସାଧୁ ମହାତ୍ମା, ଯିଏ ତୋତେ ସାମାନ୍ୟ ମୂଷାରୁ ସିଂହ କରିଛି । ତୋତେ ଅସୁବିଧାରେ ପଡ଼ିଥିବା ସମୟରେ ସାହାଯ୍ୟ କରିଥିଲି । ଏବେ ତୁ ମୋତେ ଖାଇବାକୁ ଚାହୁଁଛୁ ?' ସିଂହର କିନ୍ତୁ ହିତାହିତ ଜ୍ଞାନ ନଷ୍ଟ ହୋଇଯାଇଥିଲା, ସାଧୁଙ୍କ କଥାର ପ୍ରଭାବ ପଡ଼ି ନଥିଲା । ଅକୃତଜ୍ଞ ହୋଇ ସାଧୁଙ୍କୁ ଖାଇବା ନିମିତ୍ତ ଲମ୍ଫ ପ୍ରଦାନ କଲା । ମହାତ୍ମା ତତ୍‌କ୍ଷଣାତ୍ କମଣ୍ଡଳୁରେ ଥିବା ମନ୍ତୁରା ଜଳ ସିଂହ ଉପରେ ପକାଇଦେଲେ, ସିଂହଟି ପୂର୍ବର ସେହି ମୂଷା ପାଲଟିଯାଇ ଆତ୍ମରକ୍ଷା ନିମିତ୍ତ ସେଠାରୁ କ୍ଷିପ୍ର ଗତିରେ ପଳାଇଗଲା । ହଠାତ୍ କେଉଁଆଡ଼ୁ ବଣୁଆ ବିରାଡ଼ିଟାଏ ଆସି ମୂଷାର ପଶ୍ଚାତ୍‌ଧାବନ କଲା । କିଛିକ୍ଷଣ ଭିତରେ ମୂଷା ବିଲେଇର ଉଦରସ୍ଥ ହୋଇଗଲା । ଯିଏ ଉପକାରୀର ଉପକାର ଭୁଲିଯାଇ କୃତଘ୍ନ ପାଲଟିଯାଏ, ତା'ର ଅବସ୍ଥା ଠିକ୍ ମୂଷିକ ପରି ହୋଇଥାଏ ।

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।**

E-mail: editorpbkc@gmail.com
9853400829 (M), Fax: 0674-2550504

# ଶ୍ରୀ ଜଗନ୍ନାଥଙ୍କ ପର୍ବ ପର୍ବାଣୀ



ଉମାଶଙ୍କର ପ୍ରସାଦ

ଶ୍ରୀ ଜଗନ୍ନାଥ ବିଷ୍ଣୁ,ରାମ ବା କୃଷ୍ଣ ନୁହଁନ୍ତି । ସେ ହେଉଛନ୍ତି ଅଲେଖ, ଅରୂପ, ନିରାକାର, ନିରଂଜନ ବ୍ରହ୍ମ । ଆଚାର୍ଯ୍ୟ ରାମାନୁଜ ବିଷ୍ଣୁ ରୂପରେ,ସନ୍ଥ ତୁଳସୀ ଓ ରାମାନନ୍ଦ ରାମ ରୂପରେ, ଶ୍ରୀ ଚୈତନ୍ୟ ଶ୍ରୀକୃଷ୍ଣ ରୂପରେ ଦର୍ଶନ କରିବା ସଙ୍ଗେ ସଙ୍ଗେ ନିଜର ମତବାଦକୁ ଆରୋପ କରିଛନ୍ତି । ତେଣୁ ନିର୍ଗୁଣ, ନିରୁପାଧିକ, ଅବ୍ୟକ୍ତ, ଅନନ୍ତ ଓ ଅରୂପ ବ୍ରହ୍ମ ଜଗନ୍ନାଥ ସଗୁଣ, ଉପାଧିଧାରୀ ବ୍ୟକ୍ତ , ସସୀମ ଓ ରୂପବନ୍ତ ହୋଇ ଉଠିଛନ୍ତି । ତେଣୁ ସର୍ବଧର୍ମ ଓ ସର୍ବବାଦ ସମନ୍ୱୟରେ ଏକ ସ୍ୱତନ୍ତ୍ର ଗଣଧର୍ମ ଓ ଗଣବାଦର ସୃଷ୍ଟି ହୋଇଛି । ଅନେକ ଐତିହାସିକଙ୍କ ମତରେ ଜଗନ୍ନାଥ ସଂସ୍କୃତି ବା ଧର୍ମ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ସୌର, ଜୈନ, ବୌଦ୍ଧ ସମସ୍ତ ମତବାଦର ମିଳନ ସ୍ଥଳୀ । ପଣ୍ଡିତ ନୀଳକଣ୍ଠ ଦାଶଙ୍କ ମନ୍ତବ୍ୟ ଯଥାର୍ଥ " ସେ କୌଣସି ସ୍ଥାନ ବା ବ୍ୟକ୍ତିର ନାଥ ନୁହଁନ୍ତି । ସେ ଚାରିଧାମର ଶ୍ରେଷ୍ଠ ଧାମ ଜଗତର ନାଥ ,ସେ ଜଗନ୍ନାଥ ।" ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବୌଦ୍ଧ ମତରେ ବୁଦ୍ଧ, ଧର୍ମ ଓ ସଙ୍ଘ, ତନ୍ତ୍ର ମତରେ ଭୈରବ, ଉତର ସାଦକ ଓ ଶକ୍ତି; ବୈଷ୍ଣବ ମତରେ କୃଷ୍ଣ, ବଳରାମ,ଓ ସୁଭଦ୍ରା; ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ପ୍ରଣବ ଓଁ କାର ମୂର୍ତି (ଅ-ଉ-ମ) ଶାକ୍ତ ମାନଙ୍କ ମତରେ ତାରା ଭୂବନେଶ୍ୱରୀ ଓ ଦକ୍ଷୀଣକାଳୀ ରୂପରେ ଆଖ୍ୟାୟିତ । ଯେତେ ଧର୍ମାଚାର୍ଯ୍ୟ ବା ଧର୍ମଧ୍ୱଜୀ ଏଠାକୁ ଆସିଛନ୍ତି, ସମସ୍ତଙ୍କ ଧର୍ମସ୍ରୋତରେ ଜଗନ୍ନାଥ ସଂସ୍କୃତି ଆତ୍ମ ପ୍ରତିଷ୍ଠା, ରସବନ୍ତ, ଋଦ୍ଧିବନ୍ତ ଓ ମହିମାନ୍ୱିତ । ଶ୍ରୀ କ୍ଷେତ୍ରରେ ବାରମାସରେ ତେର ଯାତ୍ରା ସମ୍ପାଦିତ ହୋଇଥାଏ । ସେହି ତେର ଯାତ୍ରା ମଧ୍ୟରୁ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଏକ ପ୍ରଧାନ ଯାତ୍ରା । ଜଗନ୍ନାଥ ଙ୍କ ରଥଯାତ୍ରା, ଧର୍ମ, ସଂସ୍କୃତି ବିଶ୍ୱବିଦିତ । ତେଣୁ ତନ୍ତ୍ର ଯାମଳରେ ବର୍ଣ୍ଣିତ ଅନୁସାରେ :- "ଭାରତେ ଚୋତ୍କଳ ଦେଶେ, ଭୂ ସ୍ୱର୍ଗେ ପୁରୁଷୋତମେ । ଦାରୁ ରୂପୀ ଜଗନ୍ନାଥୋ, ଭକ୍ତନାମ ଭୟପ୍ରଦମ୍ ।" ଏହି ରଥଯାତ୍ରାକୁ ଶ୍ରୀ ଗୁଣ୍ଡିଚା ଯାତ୍ରା, ଦକ୍ଷିଣାୟନ ଯାତ୍ରା, ପତିତପାବନ ଯାତ୍ରା, ଘୋଷ ଯାତ୍ରା ଇତ୍ୟାଦି କୁହାଯାଏ । ଖ୍ରୀ;ଦ ୪ର୍ଥ ଶତାବ୍ଦୀରୁ (ଆଷାଢ ଶୁକ୍ଳ ଦ୍ୱିତିୟା ଦିନରୁ ନବଦିନ ବ୍ୟାପି) ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଉତ୍ସବ ପ୍ରତିବର୍ଷ ପାଳିତ ହୋଇ ଆସୁଅଛି । ମାତ୍ର ଦ୍ୱାଦଶ ଶତାବ୍ଦୀରେ ଚୋଡଗଙ୍ଗ ଦେବଙ୍କ ରାଜତ୍ୱ ସମୟରେ ( ୧୦୭୭-୧୧୪୭) ରାଣୀ 'ଗୁଣ୍ଡିଚା' ଙ୍କ ଅନୁରୋଧ କ୍ରମେ ଗୁଣ୍ଡିଚା ମନ୍ଦିର ନିର୍ମିତ ହେବାପରେ ଏହି ଯାତ୍ରାର ଅନ୍ୟନାମ "ଗୁଣ୍ଡିଚା" ଯାତ୍ରା ହୋଇଅଛି । ସ୍ନାନ ପୂର୍ଣ୍ଣିମା ଠାରୁ ୧୫ ଦିନ ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥ ଅଣସର ଘରେ ଜ୍ୱରରେ ପଡି ରହିଥାନ୍ତି ଯାହାକି ଆଜିର କରୋନା କାଳର ସଙ୍ଗରୋଧ ବା ଲକ୍‌ଡାଉନ ସହିତ ସମାନ । ଶେଷଦିନ ଠାକୁରଙ୍କ ନେତ୍ରୋତ୍ସବ ବା ନବଯୌବନ ଦର୍ଶନ ପରେ ଶ୍ରୀ ଜଗନ୍ନାଥ ଜ୍ୱର ପୀଡାରୁ ମୁକ୍ତିଲାଭ କରି ସୁସ୍ଥ ଶରୀର ଧାରଣ କରିବା ସହ ସମସ୍ତ ଭକ୍ତ ସମାଜକୁ ରଥାରୁଢ ହୋଇ ଦର୍ଶନ ଦେଇଥାନ୍ତି । ତିନି ରଥରେ ତିନି ଠାକୁର ଯାହାକି ନନ୍ଦିଘୋଷ ରେ ଜଗନ୍ନାଥ, ତାଳଧ୍ୱଜ ରେ ବଳଭଦ୍ର, ଦର୍ପଦଳନ ରଥରେ ସୁଭଦ୍ରା ଓ ସୁଦର୍ଶନ ରଥାରୁଢ ହୋଇଥାନ୍ତି । ପତିତ ଜନଙ୍କୁ ରଥରେ ଦର୍ଶନ ଦେଇ ସେମାନଙ୍କୁ ମୁକ୍ତିଦେବା ଉଦ୍ଦେଶ୍ୟରେ ଶ୍ରୀ ଜଗନ୍ନାଥ ଙ୍କ ରଥଯାତ୍ରା କଥାକୁ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ନିଜ କଲମ ମୁନରେ ଲେଖିଥିଲେ :- ଦଶ ଅବତାର ଲୀଳା ଯାତ୍ରା ବିରଚନ, ଜନଙ୍କୁ ଦେଖାନ୍ତି ଯୁଗାନ୍ତର କଥାମାନ । ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର, ପତିତ ପାବନ ଅର୍ଥେ ପ୍ରାସାଦୁ ବାହାର ।" ବର୍ତମାନ ଏ ରଥର ଚକ ମାଡି, ମାଡି ଭାରତ ବାହାରକୁ ମଧ୍ୟ ଚାଲିଗଲାଣି । ଏ ଯାତ୍ରା ଜାତିୟ ସଂହତିର ଉତ୍ସ, ଏ ଯାତ୍ରା ରାଷ୍ଟ୍ରୀୟ ସଂହତିର ଉତ୍ସ ।

ଭାଦ୍ରବ କୃଷ୍ଣପକ୍ଷ ସପ୍ତମୀ ଦିନ ସନ୍ଧ୍ୟାଧୂପ ପୂଜାପରେ ଧୋ ପଖାଳ ହୋଇ ଜୟ ବିଜୟ ଦ୍ୱାର ବନ୍ଦ ହୁଏ । ଟେରା ବନ୍ଧାହୋଇ ଅଣସର ପିଣ୍ଡିରେ ମାତା ଦେବକୀଙ୍କ ପ୍ରୀତ୍ୟର୍ଥେ ଶ୍ରୀ ଜଗନ୍ନାଥଙ୍କୁ ଯେଉଡ ଭୋଗ ଦିଅଯାଏ । ଭାଦ୍ର କୃଷ୍ଣପକ୍ଷ ଅଷ୍ଟମୀଦିନ ପଣ୍ଡା ପଂଚ ମୁରୁଜରେ ଭଦ୍ର ମଣ୍ଡଳ ଭିତର କାଠ ସମ୍ମୁଖରେ ଲେଖନ୍ତି । ପଣ୍ଡା, ପତି ଓ ମୁଦିରସ୍ତ ଜନ୍ମ ଚକଡାରେ ବସି ସଂକଳ୍ପ ବାକ୍ୟ ପାଠ କରନ୍ତି । ଚିତ୍ରକାର ପ୍ରଦତ ଶ୍ରୀକୃଷ୍ଣ ଜନ୍ମ ପଟ୍ଟଚିତ୍ର ପଦ୍ମ ପାଖୁଡା ମଣ୍ଡଳ ଉପରେ ରଖାଯାଏ । ସ୍ୱର୍ଣ୍ଣାଭ ଶ୍ରୀକୃଷ୍ଣ ମୂର୍ତି ମଣ୍ଡଳ ଉପରେ ରଖାଯାଏ । ମଦନମୋହନଙ୍କୁ ଦକ୍ଷିଣ ଗୃହରୁ ଆଣି ଶ୍ରୀ ଜଗନ୍ନାଥ ଙ୍କ ରତ୍ନ ସିଂହାସନରେ ବିଜେ କରାଯାଏ ଓ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ମଦନମୋହନ ଜନ୍ମ ଚକଡାରେ ବିଜେ ହୁଅନ୍ତି । ଜନୈକ ପୂଜା ପଣ୍ଡା ଉଗ୍ରସେନର କର୍ତବ୍ୟ ସମ୍ପାଦନ କରି ଦଣ୍ଡପ୍ରଣାମ କରନ୍ତି । ପାଲିଆ ଖୁଂଟିଆ ଶ୍ରୀ କୃଷ୍ଣଙ୍କ ଉର୍ଦ୍ଧ୍ୱରେ ସପ୍ତଫେଣୀ ବାସୁକି ଧାରଣ କରନ୍ତି । ପ୍ରସାଦ ଲାଗି ଓ ବନ୍ଦାପନା ହୁଏ । ନାଭିକଟା ମଣ୍ଡପରେ ମଦନମୋହନ ଓ ଦକ୍ଷିଣଗୃହରୁ ରାମ କୃଷ୍ଣ ବିଜେ ହୁଅନ୍ତି । ପଂଚୋପଚାରରେ ଶୀତଳ ଭୋଗ ମଣୋହି ଓ ବନ୍ଦାପନା ହୁଏ । ଶ୍ରୀ ଜଗନ୍ନାଥ ଙ୍କ ମଙ୍ଗଳ ଆଳତି ପରେ ରାମ,କୃଷ୍ଣ,ଓ ମଦନମୋହନ ଜଗମୋହନ ସ୍ଥିତ ଦୋଳିକାରେ ବିଜେ ହୁଅନ୍ତି । ଶୁକ୍ଳ ପଂଚମୀ ଠାରୁ ଦଶମୀ ପର୍ଯ୍ୟନ୍ତ ଲବଣିଖିଆ ଓ ମଥୁରାପୁର ଇତ୍ୟାଦି ଲୀଳା ମହାସମାରୋହରେ ପାଳନ କରାଯାଏ । ସେହିପରି ଫାଲ୍‌ଗୁନ ଶୁକ୍ଳ ଦଶମୀ ଦିନ ଦୋଳଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀ ନିର୍ଗୁଣବ୍ରହ୍ମ ଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପାଇଁ ଚାଚେରି ବେଶ ହୋଇ ଜଗନ୍ନାଥ ବଲ୍ଲବକୁ ବିଜେ କରନ୍ତ । ସେଠାରେ ଭୋଗ ବନ୍ଦାପନା ଓ ଜଉଡାବ (ଫଗୁ) ଖେଳି ଶ୍ରୀମନ୍ଦିରକୁ ବାହୁଡା ବିଜେ କରନ୍ତି । ସେହିପରି ରୁକ୍ମିଣୀ ହରଣ ଏକ ଅନନ୍ୟ ପରମ୍ପରା । ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ କୃଷ୍ଣପ୍ରାଣା ରକ୍ମିଣୀ ଜନୈକ ବୃଦ୍ଧ ବ୍ରାହ୍ମଣଙ୍କ ହସ୍ତରେ ନିଜ ହୃଦୟର ଭାବ ବ୍ୟକ୍ତ କରି ପ୍ରୀୟତମ ଶ୍ରୀ କୃଷ୍ଣଙ୍କ ନିକଟକୁ ପତ୍ର ପ୍ରେରଣ କରିଥିଲେ । ମଦନମୋହନ (ମଣି ବିମାନ ରେ) ବିଜୟ କରି ରକ୍ମିଣୀ ହରଣ କରିଥାନ୍ତୀ । ସେହିପରି ଝୁଲଣ ଯାତ୍ରା ଆଉ ଏକ ମହାନ ପରମ୍ପରା । ଏହା ଶ୍ରାବଣ ଶୁକ୍ଳ ଦଶମୀଠାରୁ ଭାଦ୍ରବ ପ୍ରତିପଦା ପର୍ଯ୍ୟନ୍ତ ସାତଦିନ ଅନୁଷ୍ଠିତ ହୋଇଥାଏ । ଉକ୍ତ ଦିନ ମାନଙ୍କରେ ଭୂଦେବୀ(ସତ୍ୟଭାମା) ଶ୍ରୀଦେବୀ ଲକ୍ଷ୍ମୀ ବା ରୁକ୍ମିଣୀ ଦକ୍ଷିନ ଗୃହର ପଲଙ୍କରେ ବିଜେ ହୁଅନ୍ତି । ଶ୍ରୀ ଜଗନ୍ନାଥଙ୍କ ବାମ ଭୁଜରୁ ଲକ୍ଷ୍ମୀ ଓ ସରସ୍ୱତୀ ଆଜ୍ଞାମାଳ ପାଆନ୍ତି ଓ ମଦନମୋହନ ଦକ୍ଷିଣ ଭୁଜରୁ ଆଜ୍ଞାମାଳ ପାଇ ଝୁଲଣବେଦୀକୁ ଗମନ କରିଥାନ୍ତି । କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ଶ୍ରୀ ଜଗନ୍ନାଥଙ୍କୁ ପ୍ରକୃତି ଓ ପୁରୁଷ ବା ରାଧା କୃଷ୍ଣଙ୍କର ମିଳିତ ବିଗ୍ରହ ରୂପେ ବର୍ଣ୍ଣନା କରିଛନ୍ତୀ । ଏହିପରି ଭାବରେ କାୟମନୋବାକ୍ୟରେ ସର୍ବନ୍ତର୍ଯ୍ୟାମୀ ନୀଳାଦ୍ରିନାଥଙ୍କୁ ଅନନ୍ୟ ଭାବରେ ଦର୍ଶନ, ଚିନ୍ତନ, ଓ ମନନ କରିବା ଜୀବନର ସର୍ବଶ୍ରେଷ୍ଠ ଅନୁଶୀଳନ ।

# ଟିକା ସଂକଟ ଦୂର କର



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶରେ ମହାମାରୀ କରୋନାର ମୁକାବିଲା ପାଇଁ ଲଢେଇର ଶେଷ ଅସ୍ତ୍ର ସ୍ୱରୂପ ସାର୍ବଜନୀନ ଟିକାକରଣ ଅଭିଯାନ ଇତିମଧ୍ୟରେ ଚାରିମାସ ଅତିକ୍ରମ କରିଛି । ମାତ୍ର ଟିକାର ଅଭାବ ଅଭିଯାନରେ ଗୁରୁତର ଅନ୍ତରାୟ ସୃଷ୍ଟି କରିଛି, ଯାହାକି ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନକୁ ଏକପ୍ରକାର ବିଫଳ କରିଛି ବୋଲି କୁହାଯାଇପାରେ । କେନ୍ଦ୍ର ସରକାର ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ ଓ ଆଷ୍ଟ୍ରାଜେନ-ସେରମ ଦ୍ୱାରା ପ୍ରସ୍ତୁତ କୋଭିସିଲ୍ଡ ଟିକାକୁ ଅନୁମୋଦନ କରିବା ପରେ ଗତ ଜାନୁୟାରୀ ୧୬ ତାରିଖ ଠାରୁ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ କରୋନା ଯୋଦ୍ଧା ଭାବେ ପରଚିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ପ୍ରତ୍ୟକ୍ଷ-ପରୋକ୍ଷ ଭାବେ ପିଡିତଙ୍କ ସେବାରେ ଓ ମୁକାବିଲାରେ ନିୟୋଜିତ ଯୋଦ୍ଧାମାନଙ୍କୁ ଟିକା ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ତୃତୀୟ ପର୍ଯ୍ୟାୟ ୪୫ରୁ ୬୦ ବର୍ଷ ବୟସ୍କ ଏବଂ ଏବେ ୧୮ରୁ ୪୫ବର୍ଷ ବୟସ୍କଙ୍କୁ ଟିକାକରଣ ଆରମ୍ଭ ହୋଇଛି । ଏବେ କେନ୍ଦ୍ର ସରକାର ଦୁଇବର୍ଷ ୧୮ ବର୍ଷ ବୟସ୍କଙ୍କୁ ଟିକାକରଣ ପାଇଁ ଯୋଜନା କରିଛନ୍ତି । ମାତ୍ର ଟିକା ଅଭାବ ଯୋଗୁଁ ଦେଶର ବିଭିନ୍ନ ଅଂଚଳ ଟିକାଦାନ ବାଧାପ୍ରାପ୍ତ ହୋଇଛି । ହଜାର ହଜାର ଟିକାଦାନ କେନ୍ଦ୍ର ବନ୍ଦ ରହିଛି । ଟିକା ପାଇଁ କିଶୋରଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଧାଡିରେ ଘଂଟା ଘଂଟା ଧରି ଛିଡା ହୋଇ ଶେଷରେ ଟିକା ନପାଇ ଫେରିଥିବା କୁହାଯାଇଛି । ଗତ ଚାରିମାସ ମଧ୍ୟରେ ଦେଶରେ ବର୍ତମାନ ସୁଦ୍ଧା ୧୮କୋଟି ଲୋକ ଟିକା ନେଇଛନ୍ତି । ଯାହାକି ଦେଶର ମୋଟ ଜନସଂଖ୍ୟାର ମାତ୍ର ଏକ ସପ୍ତମାଂଶ । ସମୁଦାୟ ଦେଶବାସୀଙ୍କୁ ଟିକାଦାନ କରିବା ପାଇଁ ହୁଏତ ୩ବର୍ଷରୁ ଅଧିକ ସମୟ ଲାଗିଯିବ । କହିବା ବାହୁଲ୍ୟ ଯେ, ଆମେରିକାରେ ମାତ୍ର ୩ମାସ ମଧ୍ୟରେ ଟିକାକରଣ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଥିବା ବେଳେ ରାଷ୍ଟ୍ରପତି ଜୋ.ବାଇଡେନ ଦେଶକୁ ମାସ୍କ ମୁକ୍ତ ରାଷ୍ଟ୍ର ଭାବେ ଘୋଷଣା କରିସାରିଲେଣି । ଉଲ୍ଲେଖଯୋଗ୍ୟ ଯେ, କରୋନାରେ ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ର ଆମେରିକା ଏବେ ନିଜକୁ ମାସ୍କମୁକ୍ତ ରାଷ୍ଟ୍ର ଘୋଷଣା କରିଥିବାବେଳେ ମହାମାରୀର ପ୍ରଥମ ଲହରରେ ଉଭୟ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟାକୁ ସିମୀତ ରଖିଥିବା ଭାରତ ଏବେ ଦ୍ୱିତୀୟ ଲହରରେ ଉଭୟ ଆକ୍ରାନ୍ତ ମୃତକ ଓ ଦୈନିକ ସଂକ୍ରମଣରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛି । ଟିକା ଦାନକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା କେନ୍ଦ୍ର ସରକାର ୨୧୬ କୋଟି ଡୋଜ ଟିକା କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଦେଶର ସମସ୍ତ ବୟସ୍କଙ୍କୁ ବର୍ଷ ଶେଷ ସୁଦ୍ଧା ଟିକାଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସେହିପରି ଜୁଲାଇ ମାସ ସୁଦ୍ଧା ସରକାର ୫୧କୋଟି ଡୋଜ ଟିକା କିଣିବେ । ସୂଚନା ଯୋଗ୍ୟ ଯେ, ଜୁଲାଇ ମାସ ସୁଦ୍ଧା ଦେଶରେ ୬୦କୋଟି ଟିକା ଡୋଜ ଆବଶ୍ୟକତା ରହିଥିବା ବେଳେ ବର୍ତମାନ ସୁଦ୍ଧା ୧୯କୋଟି ଡୋଜ ଟିକାଦାନ କରିଛନ୍ତି । ଏଥିରୁ ଦେଶରେ ଟିକାର ଅଭାବ ସ୍ପଷ୍ଟ ଅନୁମାନ କରାଯାଇପାରେ । ତେବେ ଦେଶରେ ଜୁଲାଇ ସୁଦ୍ଧା ୬୦କୋଟି ଡୋଜ ଟିକାଦାନ ଲକ୍ଷ୍ୟ ପୂରଣ ପାଇଁ ଦୈନିକ ୫୮ ଲକ୍ଷ ଡୋଜ ଟିକା ଦାନର ଆବଶ୍ୟକତା ରହିଛି । ମାତ୍ର ଗତ ୧୫ ତାରିଖ ଦିନ ଦେଶରେ ଗୋଟିଏ ଦିନରେ ସର୍ବାଧିକ ୧୭ଲକ୍ଷ ଟିକାଦାନ କରାଯାଇଥିଲା । ଏଥିରୁ ଦେଶରେ ଟିକାଦାନ କେତେ ଯେ, ମନ୍ଥର ତାହା ସ୍ପଷ୍ଟ ଅନୁମେୟ । ଟିକାଦାନ ଅଭାବ ପୂରଣ ପାଇଁ କେନ୍ଦ୍ର ସରକାର କୋଭିସିଲ୍ଡ ଓ କୋଭାକ୍ସିନ ବ୍ୟତୀତ ଇତିମଧ୍ୟରେ ଋଷ ନିର୍ମିତ ସ୍ପୁଟନିକ-ଭି-ଟିକାକୁ ମଧ୍ୟ ଅନୁମୋଦନ କରିଛନ୍ତି । ସେହିପରି ଫାଇଜର, ମଡର୍ଣ୍ଣା, ଜେ ଆଣ୍ଡ ଜେ ପରି କେତେକ ବିଦେଶୀ ଟିକା ମଧ୍ୟ କିଣିବାକୁ ଯୋଜନା କରିଛନ୍ତି । ଆସନ୍ତା ଜୁନ ୧୫ ସୁଦ୍ଧା ୫କୋଟି ୮୬ ଲକ୍ଷ ଡୋଜ କିଣିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ସେରମ ଓ ଭାରତ ବାୟୋଟେକ ଜୁନ ଶେଷ ସୁଦ୍ଧା ୪.୮୭ କୋଟି ଟିକା ଯୋଗାଣ ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ଟିକାର ଅଭାବ ପୂରଣ ପାଇଁ କେତେକ ବିଦେଶୀ ଟିକା ଦେଶରେ ଉତ୍ପାଦନ କରିବା ପାଇଁ ସରକାର ଚିନ୍ତା କରିଛନ୍ତି । ଯାହାକି ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନକୁ ସଫଳ କରିବାରେ ସହାୟକ ହେବ । ଟିକାଦାନକୁ ନିଜ ନିଜ ରାଜ୍ୟରେ ସଫଳ କରିବାକୁ ଓଡିଶା ସମେତ ଦେଶର ୧୪ଟି ରାଜ୍ୟ ଗ୍ଲୋବାଲ ଟେଣ୍ଡର ଦ୍ୱାରା ଟିକା କିଣିବାକୁ ନିଷ୍ପତି ନେଇଛନ୍ତି । ଏହାଦ୍ୱାରା ଟିକାର ଅଭାବ ପୂରଣ ହେବା ଆଶା କରାଯାଏ । ଟିକାକରଣକୁ ନେଇ ରାଜନୀତି ଅନୁଚିତ । ଟିକା ହିଁ ଜୀବନ ବଂଚାଇବ, ଦେଶର ଅର୍ଥନୀତିକୁ ସୁଦୃଢ କରିବ । ଏହାକୁ ହାତଛଡା କରନାହିଁ । ମହାମାରୀ କରୋନା ହାରିଲେ, ଜୀବନ ସୁରକ୍ଷିତ ରହିବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ସତ୍‌ସଙ୍ଗର ମହିମା



..............ଡ. ପ୍ରତିଭା ମହାରଥୀ..............

ସତ୍‌ସଙ୍ଗର ମହିମା ଅବର୍ଣ୍ଣନୀୟ । କଥିତ ଅଛି ଗଙ୍ଗା ସ୍ନାନରେ ପାପ ଧୋଇଯାଏ, ଚନ୍ଦ୍ରାଲୋକରେ ତାପ ଅପସରିଯାଏ, କଳ୍ପଦ୍ରୁମ ତଳେ ଥିଲେ ଦୀନତାର ଅପନୋଦନ ହୋଇଥାଏ । ମାତ୍ର ଏହି ତିନୋଟି ଯାକ ଫଳ ଏକ ସଙ୍ଗେ ତତ୍‌କ୍ଷଣାତ୍ ପ୍ରାପ୍ତି ହୋଇଥାଏ ସନ୍ଥ ମହାତ୍ମାଙ୍କ ଦର୍ଶନରେ । ସାଧୁ, ସନ୍ଥ, ମୁନି, ଋଷି, ସିଦ୍ଧ ସାଧକମାନେ ଯୁଗେ ଯୁଗେ ଅଜ୍ଞାନ ଅନ୍ଧକାର ଦୂର କରି ଜୀବନର ଚରମ ଓ ପରମ ସତ୍ୟର ଏକ ସୁନ୍ଦର, ସରଳ, ଚିତ୍ର ଉପସ୍ଥାପନ କରିଥାନ୍ତି । ବେଳେ ବେଳେ ଜୀବନର ଅନେକ ସମସ୍ୟା ବର୍ଷ ବର୍ଷ ଧରି ଅସମାଧିତ ଥିବାବେଳେ ସାଧୁ, ସନ୍ଥଙ୍କ ପ୍ରବଚନର କେତୋଟି ଧାଡ଼ି ବା ଶବ୍ଦରେ ଅଚାନକ ସମାଧାନର ସୂତ୍ର ମିଳିଯାଇଥାଏ । ଏପରି ଅଜସ୍ର ଘଟଣାର ଦୃଷ୍ଟାନ୍ତ ରହିଛି । ସେହିପରି ଏକ ଘଟଣା ନିମ୍ନରେ ପ୍ରଦାନ କରାଗଲା ।

ତୁଳସୀ ଦାସଙ୍କର ଏକ ସଭାରେ ହଜାର ହଜାର ଭକ୍ତ ରୁଣ୍ଡ ହୋଇଥାନ୍ତି । ସେହି ସଭାର ଆଗ ଧାଡ଼ିରେ ଯେଉଁଠି ତୁଳସୀ ଦାସ ପ୍ରବଚନ ଦେବେ, ଠିକ୍ ତାଙ୍କ ସମ୍ମୁଖରେ ବସିଥା'ନ୍ତି ଜଣେ ନବବିବାହିତା ବଧୂ । ଏମିତି ସ୍ଥାନରେ ବସିବାର ତାଙ୍କର ଅଭିପ୍ରାୟ ହେଲା ତାଙ୍କ ସ୍ୱାମୀ ତାଙ୍କୁ ଗୋଟିଏ ଅତି ଦାମିକା ନାକଫୁଲଟିଏ କିଣି ଉପହାର ଦେଇଥା'ନ୍ତି, ତାଙ୍କ ନାକକୁ ସେ ନାକଫୁଲଟି ବି ବହୁତ ମାନୁଥାଏ । ସେହି ନାକଫୁଲଟିକୁ ଦେଖାଇବା ପାଇଁ ସେ ସଭାକୁ ଯାଇଥିଲେ । ଆଗରେ ବସିଲେ ତୁଳସୀ ଦାସଙ୍କ ପରି ମହାତ୍ମାଙ୍କର ନଜର ଯଦି ତାଙ୍କ ନାକଫୁଲ ଉପରେ ଟିକିଏ ପଡ଼ିଯାଏ-ଆଉ ସେ ଯଦି ଟିକିଏ ନାକଫୁଲର ପ୍ରଶଂସା କରିଦିଅନ୍ତି ତେବେ ତାଙ୍କ ଜୀବନଟା ସାର୍ଥକ ହୋଇଯିବ । ସମସ୍ତେ ମଧ୍ୟ ସେହି ନାକଫୁଲଟିର ପ୍ରଶଂସା ଶୁଣିବେ... । ଫଳରେ ତାଙ୍କ ଛାତି କୁଣ୍ଢେମୋଟ ହୋଇଯିବ । ସଭାକୁ ଆସିବାଟା ସାର୍ଥକ ହୋଇଯିବ ।

ଠିକ୍ ସମୟରେ ମହାତ୍ମା ତୁଳସୀ ଦାସ ଆସି ପ୍ରବଚନ ଦେବା ଆରମ୍ଭ କରିଦେଲେ । ତୁଳସୀ ଦାସଙ୍କ ପ୍ରବଚନ ସମସ୍ତେ ମନ୍ତ୍ରମୁଗ୍‌ଧବତ୍ ଶୁଣୁଥା'ନ୍ତି । ନୀରବ ନିସ୍ତବ୍ଧ ହୋଇ ଦିବ୍ୟ ଭଗବତ ରସପାନ କରୁଥାନ୍ତି ଭକ୍ତମାନେ । କିନ୍ତୁ ଏହି ବୋହୂଟିର ମନ ତ ଭଗବାନଙ୍କ କଥା ଶୁଣିବା ପାଇଁ ନଥାଏ । ତା' ମନଟି ଥାଏ ତା' ନାକଫୁଲ ପାଖରେ । କେତେବେଳେ ତୁଳସୀ ଦାସଙ୍କର ନଜର ତା' ଉପରେ ଏବଂ ତା' ନାକଫୁଲ ଉପରେ ପଡ଼ିବ – ଏହାଥାଏ ତା'ର ଚିନ୍ତା । ଏଣୁ ତୁଳସୀ ଦାସଙ୍କ ନଜର କିପରି ତା' ଉପରେ ପଡ଼ିବ ସେଥିଲାଗି ସେ ମୁଣ୍ଡ ହଲେଇ ଭାଗବତ ରସପାନ କରିଗଲା ପରି ଅଭିନୟ କରୁଥାଏ । ମୁଣ୍ଡ ହଲେଇବାର କାରଣ ହେଲା– ମୁଣ୍ଡ ହଲିଲେ ନାକ ହଲିବ । ନାକ ହଲିଲେ ଫୁଲ ହଲିବ । ଫଳରେ ତୁଳସୀ ଦାସ ତା' ନାକଫୁଲକୁ ଚାହିଁବେ । ହେଲେ ତୁଳସୀ ଦାସ ତ ଭଗବତ୍ ପ୍ରେମରେ ତନ୍ମୟ ହୋଇ ପ୍ରବଚନ ଦେବାରେ ଲାଗିଥାନ୍ତି । ତାଙ୍କର ମନ ରହିଥାଏ ଭଗବାନଙ୍କ ପାଦପଦ୍ମରେ । ସେତେବେଳେ ତାଙ୍କର ବାହ୍ୟଜ୍ଞାନ ନଥାଏ । ଏଣେ ସମୟ ଯେତିକି ବଢ଼ିବାରେ ଲାଗିଥାଏ, ସେତେବେଳକୁ ବୋହୂଟିର ବ୍ୟସ୍ତତା ମଧ୍ୟ ସେତିକି ବଢ଼ିବାରେ ଲାଗିଥାଏ । ସେତେବେଳକୁ ବୋହୂ ଅଧୈର୍ଯ୍ୟ ହୋଇ ପଡ଼ିଲାଣି । ମନେମନେ ଭାବିଲା, "ଲୋକେ କହନ୍ତି ତୁଳସୀ ଦାସ ସିଦ୍ଧ ପୁରୁଷ, ତ୍ରିକାଳଦର୍ଶୀ, ସମସ୍ତଙ୍କର ଅନ୍ତର କଥା ଜାଣିପାରନ୍ତି, ହେଲେ ମୋର ଅନ୍ତର କଥାଟା ବୁଝିପାରୁନାହାନ୍ତି କାହିଁକି ?" ଭଗବାନଙ୍କର ଲୀଳା ବିଚିତ୍ର । ପ୍ରବଚନ ସେତେବେଳକୁ ସରି ସରି ଆସୁଛି, ହଠାତ୍ ତୁଳସୀ ଦାସଙ୍କର କୃପାଦୃଷ୍ଟି ପଡ଼ିଲା ସେହି ବୋହୂ ଉପରେ । ବୋହୂଟିକୁ ସ୍ନେହଭରା ଚାହାଣୀରେ ଚାହିଁ ତୁଳସୀ ଦାସ କହିଲେ, "ମା ଗୋ ତୁମେ ଧନ୍ୟ । ତୁମ ନାକଫୁଲ ଧନ୍ୟ । ତୁମ ନାକକୁ ଏ ଫୁଲଟି ଅତି ଚମତ୍କାର ଦେଖାଯାଉଛି ।" ହଠାତ୍ ଏଡ଼େ ବଡ଼ ସଭାରେ ଗୋଟିଏ ନାକଫୁଲର ପ୍ରଶଂସା ତୁଳସୀ ଦାସଙ୍କ ପରି ମହାତ୍ମା କରୁଥିବାରୁ ସମସ୍ତେ ଚକିତ ହୋଇ ଚାହିଁଲେ–"କିଏ ସେହି ଭାଗ୍ୟବତୀ ନାରୀ ! ଯାହାର ଏଡ଼େ ଟିକିଏ ନାକଫୁଲର ପ୍ରଶଂସା ଏଡ଼େବଡ଼ ଆଧ୍ୟାତ୍ମିକ ସଭାରେ ତୁଳସୀ ଦାସଙ୍କ ପରି ସନ୍ଥ ମହାତ୍ମା କରୁଛନ୍ତି !" ବୁଢ଼ାମାନେ ସବୁ ଚଷମା ଟେକି ଅନାଇବାକୁ ଲାଗିଲେ, ମହିଳାମାନେ ସବୁ ମୁଣ୍ଡ ଟେକି ଚାହିଁଲେ । ସେହି ନାରୀଟିକୁ ଦେଖିବା ଲାଗି ସମସ୍ତଙ୍କ ଭିତରେ ଆଗ୍ରହ ସୃଷ୍ଟିହେଲା । ତୁଳସୀ ଦାସଙ୍କ ପରି ମହାତ୍ମାଙ୍କଠାରୁ ବୋହୂଟି, ତା' ନାକଫୁଲର ପ୍ରଶଂସା ଶୁଣି ଆନନ୍ଦରେ ଶିହରି ଉଠିଲା । ସେ ସ୍ଥାନରୁ ଉଠିପଡ଼ି ସିଧାସଳଖ ତୁଳସୀ ଦାସଙ୍କ ପାଦଦ୍ୱୟକୁ ଦୁଇ ହାତରେ ଧରି ସାଷ୍ଟାଙ୍ଗ ପ୍ରଣିପାତ କଲା । ତୁଳସୀ ଦାସ ତାଙ୍କୁ ଆଶୀର୍ବାଦ କରି ତା'ର ମଥା ଆଉଁସି ପାଖରେ ଠିଆ କରି ପଚାରିଲେ, "ମା'ରେ ! ତୁ ଏ ନାକଫୁଲଟିକୁ ବହୁତ ଭଲ ପାଉ, ନୁହେଁ ?"

ବୋହୂଟି ତୁଳସୀ ଦାସଙ୍କୁ କହିଲେ, "ହଁ, ମହାପ୍ରଭୁ, ଏ ନାକଫୁଲଟି ମୋ ସ୍ୱାମୀ କିଣି ଦେଇଛନ୍ତି ।" ତୁଳସୀ ଦାସ କହିଲେ, "ମା'ରେ ! ତୁ ଏ ନାକଫୁଲଟିକୁ ଏତେ ଭଲ ପାଉଛୁ । ଆଚ୍ଛା କହିଲୁ ? ତୋର ଏଇ ନାକଫୁଲଟିକୁ ପିନ୍ଧିବା ପାଇଁ ଯଦି ନାକଟି ନଥା'ନ୍ତା ? ତେବେ ତୁ ନାକଫୁଲକୁ କେଉଁଠାରେ ପିନ୍ଧିଥା'ନ୍ତୁ ? ଏ ନାକଟିକୁ ଯିଏ ଦେଇଛନ୍ତି, ତାଙ୍କୁ ତ' ଥରେ ମନେ ପକାଇ ନାହୁଁ ? ତାଙ୍କୁ ଥରେ ଧନ୍ୟବାଦ ଜଣାଇନାହୁଁ ?"

ବେଶ୍ । ଏଇ କେତୋଟି ପଦ କଥାରେ ବୋହୂଟିର ଭିତରର ରୁଦ୍ଧ କବାଟଗୁଡ଼ିକ ଉନ୍ମୁକ୍ତ ହୋଇଗଲା । କ୍ଷଣେ ନିମିଷେ ଯେ ସତ୍‌ସଙ୍ଗ କରିବାର ସୁଯୋଗ ପାଇଛି, ସାଧୁସଙ୍ଗ କରିବାର ସୁଯୋଗ ପାଇଛି, ତା' ଜୀବନ ଧନ୍ୟ । ସମସ୍ତଙ୍କ ଭିତରେ ଭଗବାନ ଥିବାରୁ, ମା' ଭଗବତୀ ଥିବାରୁ କାହାର ଜୀବନ କେବେ ବି ବ୍ୟର୍ଥ ହୁଏନାହିଁ । ଏହି ମୁହୂର୍ତ୍ତଟି ବୋହୂ ପାଇଁ ହୋଇଉଠିଲା ଦେବ ମୁହୂର୍ତ୍ତ – ଦିବ୍ୟ ମୁହୂର୍ତ୍ତ । ଖପରା ପରଶମଣି ସ୍ପର୍ଶରେ ସୁବର୍ଣ୍ଣ ପାଲଟି ଯିବାର ମୁହୂର୍ତ୍ତ । ବୋହୂର ଅନ୍ତର ଭଗବାନଙ୍କ ନିମିତ୍ତ କୃତଜ୍ଞତାରେ ଭରିଗଲା । ଆଖିରୁ ତା'ର ଅନର୍ଗଳ କୃତଜ୍ଞତାର ଅଶ୍ରୁ ଝରିବାକୁ ଲାଗିଲା । ସେ ମନରେ ଭାବିବାକୁ ଲାଗିଲା... "ସତେ ତ ! ଖାଲି ଏ ନାକଟି ନୁହେଁ, ଏ ସମସ୍ତ ମନ, ପ୍ରାଣ, ଶରୀର, ଏ ପରିବାର, ଏ ଧନ-ଦୌଲତ-ଚାକିରି-ନୌକର, ବ୍ୟବସାୟ-ବାଣିଜ୍ୟ କ'ଣ ଭଗବାନଙ୍କର ନୁହେଁ ? ସବୁ ତ ତାଙ୍କରି ଦାନ । ସେହି ତ ଆମକୁ ଏ ଦେବଦୁର୍ଲ୍ଲଭ ଜୀବନ ଦାନ କରିଛନ୍ତି । ତାଙ୍କ ଛଡ଼ା ଆଉ କେଉଁଠି କିଛି ତ ନାହିଁ !" ବୋହୂଟି ଆଉ ଭାବିପାରିଲା ନାହିଁ । ମହାତ୍ମା ତୁଳସୀ ଦାସଙ୍କର ଚରଣ ଯୁଗଳକୁ ଜାବୁଡ଼ି ଧରି 'ମୋତେ ଉଦ୍ଧାର କର-ଉଦ୍ଧାର କର' କହି କାନ୍ଦିବାକୁ ଲାଗିଲା । ତାହା ଥିଲା ଭଗବାନଙ୍କ ଲାଗି ତା'ର କୃତଜ୍ଞତାର ଅଶ୍ରୁ ଯାହା ମାଧ୍ୟମରେ ତା'ର ସମସ୍ତ ଅହଂକାର, ସମସ୍ତ ଅଜ୍ଞାନତା, ସମସ୍ତ ଅପବିତ୍ରତା, ସମସ୍ତ ସଂକୀର୍ଣ୍ଣତା ଏବଂ ସମସ୍ତ ଅବଗୁଣ ଧୋଇଗଲା । ତା'ପରେ... ? ତା' ପରେ ସେ ବୋହୂ ଓ ତା'ର ପରିବାରବର୍ଗ ସମସ୍ତଙ୍କର ଜୀବନ ଧନ୍ୟ ହୋଇଗଲା । ସେ ଘର ହୋଇଗଲା ଯଥାର୍ଥରେ ଗୋଟିଏ ଭଗବତ୍ ମନ୍ଦିର ଏବଂ ସେ ପରିବାରର ସମସ୍ତେ ହୋଇଉଠିଲେ ଭଗବତ୍ ସେବକ । ସେହିପରି ବୀର ହନୁମାନ ଶ୍ରୀରାମଚନ୍ଦ୍ରଙ୍କଠାରୁ, ଶ୍ୱେତକେତୁ ଉଦ୍ଦାଳକଙ୍କଠାରୁ, ମୈତ୍ରେୟୀ ଯାଜ୍ଞବଲକ୍ୟଙ୍କଠାରୁ, ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କଠାରୁ, ଶୁକଦେବ ଜନକଙ୍କଠାରୁ, ଭୃଗୁ ବରୁଣଙ୍କଠାରୁ କଥା ଛଳରେ ବ୍ରହ୍ମଜ୍ଞାନ ଲାଭ କରିଥିଲେ । ଶୂନ୍ୟର ଡାହାଣ ପଟରେ ଯେତେ ଶୂନ ଥୋଇଲେ ବି ସେ ସବୁ ଶୂନର କିଛି ମୂଲ୍ୟ ନ ଥାଏ । କିନ୍ତୁ ପ୍ରଥମ ଶୂନର ବାମପଟେ ଶୂନ ବ୍ୟତୀତ ଏକ ଅଙ୍କ ଥୋଇଦିଅ, ତେବେ ଦେଖିବ ସବୁ ଶୂନର କେତେ ମୂଲ୍ୟ ବୃଦ୍ଧି ହୋଇଯିବ, ସେହିପରି ଈଶ୍ୱର ଏକ । ଏ ଜଗତ ଶୂନ୍ୟ । ଈଶ୍ୱର ଓ ଜଗତ ମିଶିଲେ ଯାଇ ଏ ଜଗତ ମହାନ୍ ହୋଇଥାଏ, ଅନେକ ହୋଇଥାଏ ।

ସୁଖ, ଶାନ୍ତି, ଆନନ୍ଦ, ଜ୍ଞାନ ଓ ପବିତ୍ରତାର ସାଗରରୂପି ଭଗବାନ ହିଁ ଏକମାତ୍ର ସତ୍ୟ । ତାଙ୍କୁ ମନ, ପ୍ରାଣ, ଚେତନାରେ ଉପଲବ୍ଧି କରି ନ ପାରିଲେ ଜୀବନ ବୃଥା । ସାଗର ଭଗବାନଙ୍କର ଆମେ ସବୁ ଆତ୍ମାମାନେ ଢେଉ ପରି । ପରମାତ୍ମା ହେଲେ ସୃଷ୍ଟିର ମୂଳ ଉତ୍ସ । ଅବିକଳ ଢେଉଭଳି ଅନନ୍ତ ଅସୀମ ପରମାତ୍ମାଙ୍କ ଅଂଶବିଶେଷ ଭାବେ ଆତ୍ମାର ସୃଷ୍ଟି ଏବଂ ମଣିଷ ମରିଗଲା ପରେ ଆତ୍ମା ସେହି ପରମାତ୍ମାଙ୍କ ପାଖକୁ ଚାଲିଯାଏ । ସମୁଦ୍ର ଭଳି ପରମାତ୍ମା ସଦାସର୍ବଦା ଥିଲେ, ଅଛନ୍ତି ଓ ରହିଥିବେ । ମାତ୍ର ଆମ୍ଭେମାନେ ଆଜି ଅଛୁ, କାଲିକି ନଥିବୁ ।

ନଅ ଦିନର ରଥଯାତ୍ରାରେ ଜଗନ୍ନାଥ ଏ ସଚରାଚର ପୃଥିବୀପୃଷ୍ଠରେ ଆତଯାତ ମାନବ ସମାଜକୁ ଗୋଟିଏ ବାର୍ତ୍ତା ଦେଇଥାନ୍ତି ଯେ, "ଜୀବନରେ ବାହୁଡ଼ିଯିବାଟା ହିଁ ଏକମାତ୍ର ସତ୍ୟ ।" ଅର୍ଥାତ୍ ଏ ଜୀବନ କିଛି ନୁହେଁ, ମାତ୍ର କିଛି ଦିନର ଯାତ୍ରା । ଆମେ ପ୍ରତ୍ୟେକ ଯାତ୍ରାରେ ବାହାରିଛେ । ଏ ଯାତ୍ରା ହୋଇପାରେ ନଅ ଘଣ୍ଟାର, ନଅ ଦିନର, ନଅ ବର୍ଷର ଅବା ନବେ ବର୍ଷର । କିନ୍ତୁ ପ୍ରତ୍ୟେକଙ୍କୁ ଏ ଯାତ୍ରା ଶେଷ କରି ଦିନେ ନା ଦିନେ ବାହୁଡ଼ିଯିବାକୁ ହେବ, ଲେଉଟିଯିବାକୁ ହେବ । ଜୀବନଯାତ୍ରାରେ ମୃତ୍ୟୁ ହେଲା ଆରମ୍ଭର ପର୍ବ– ଅନ୍ତିମ ପର୍ବ ନୁହେଁ । ପ୍ରତ୍ୟେକ ଜୀବନର ଲକ୍ଷ୍ୟ ହେଲା ସଦାସୁଖ, ଚିରଶାନ୍ତି ଓ ସମ୍ପୂର୍ଣ୍ଣ ପବିତ୍ରତା ପ୍ରାପ୍ତି । ଏ ସଂକ୍ରାନ୍ତରେ ଗଳ୍ପଟିଏ ।

ଜଣେ ବ୍ରାହ୍ମଣ ଏକ ଦୂର ସ୍ଥାନକୁ ଯାଉଥିଲେ । ବାଟରେ ପଡ଼ିଲା ଏକ ନଈ । ଏଇ ଭିତରେ ବ୍ରାହ୍ମଣ ବାଟ ଭୁଲି ସାରିଥିଲେ । ସେ ଅଗତ୍ୟା ନଦୀ କୂଳରେ ଅଟକିଗଲେ । କିଛି ସମୟ ପରେ ତାଙ୍କ ସମକ୍ଷରେ ଦେଖାଗଲା ଜଣେ ଯକ୍ଷ । ବ୍ରାହ୍ମଣ ତାକୁ ସେ ଯାଉଥିବା ସ୍ଥାନର ନାମ କହି ମାର୍ଗ ସମ୍ପର୍କରେ ପଚାରିଲେ । ଯକ୍ଷ କହିଲା, ସେ ସ୍ଥାନକୁ ଯିବା ସକାଶେ ଦୁଇଟି ବାଟ ଅଛି । ଗୋଟିଏ ପାଖ ବାଟ, ଆରଟି ଦୂର । କେଉଁ ବାଟେ ଯିବ ? ବ୍ରାହ୍ମଣ ଉତ୍ସାହିତ ହୋଇ କହିଲେ, ଏଥିରେ ପଚାରିବାର କ'ଣ ଅଛି ? ପାଖ ବାଟେ ଯିବି । ଯକ୍ଷ କହିଲା, ମୋ କଥା ସରିନାହିଁ । ପାଖ ବାଟଟି ମରୁବାଲିରେ ଭରା । ଅନେକ ବାଟଯାଏ ଜନବସତି ନାହିଁ । ଦୂର ବାଟଟି ଏଇ ନଈ କୂଳେ କୂଳେ ପଡ଼ିଛି । କିନ୍ତୁ ଦୂର ବାଟ ଧରି ଗଲେ ତୁମକୁ ସେଠାରେ ପହଞ୍ଚିବାକୁ ଲାଗିଯିବ ଦୁଇ ଦିନ । କିନ୍ତୁ ପାଖ ବାଟରେ ଗଲେ ସନ୍ଧ୍ୟା ଆଗରୁ ପହଞ୍ଚିଯିବ । ତେଣିକି ତୁମେ ଯାହା ଚାହଁ । ବ୍ରାହ୍ମଣ କହିଲେ ଚିନ୍ତା କରିବାର କଣ ଅଛି ? ପାଖ ବାଟେ ଯିବି । ପେଟେ ପାଣି ପିଇବି ଓ ମୋ କମଣ୍ଡଳୁରେ ପାଣି ଭରି କରି ନେବି । ଆଉ ମରୁ ବାଲିକୁ ଭୟ କ'ଣ ? ମଧ୍ୟାହ୍ନ ବେଳକୁ କମଣ୍ଡଳରୁ ପାଣି ସରିଯାଇଥିଲା । ଖରାର ତେଜ କେତେ ଗୁଣ ହୋଇ ସାରିଥିଲା । କହିବା ବାହୁଲ୍ୟ, ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଆଗରୁ ତାଙ୍କ ପ୍ରାଣବାୟୁ ଉଡ଼ିଗଲା ।

ଉପନିଷଦରେ ଶ୍ୱେତକେତୁ ତାଙ୍କ ପିତାଙ୍କୁ ପଚାରିଥିଲେ ଆନନ୍ଦ ଆହରଣର ବାଟ କଣ ? ପିତା କହିଥିଲେ, ଯାହା ପରିମେୟ ତାହା କ୍ଷଣସ୍ଥାୟୀ । ଯାହା ଅପରିମେୟ, ତାହା ଚିରନ୍ତନ । ତୁମେ ପରିମେୟକୁ ଛାଡ଼ । ଅପରିମେୟ ସହିତ ସମ୍ପର୍କ ବଢ଼ାଅ । ଅପରିମେୟ ହେଲେ ଈଶ୍ୱର । ଯାହା ପରିମେୟ ତାହା ଅଳ୍ପ କାଳ ସକାଶେ ଆନନ୍ଦ ଦେଇ ସରିଯିବ । କିନ୍ତୁ ଅପରିମେୟ ସତ୍ତା ଚିର ଆନନ୍ଦ ଦେବ । କମଣ୍ଡଳୁର ପାଣି ପାଇଁ ବ୍ରାହ୍ମଣ ନଈର ସାଙ୍ଗ ଛାଡ଼ିଲେ ଓ ଅତି କଷ୍ଟ ପାଇ ନିର୍ଜନ ମରୁରେ ମୃତ୍ୟୁବରଣ କଲେ । ଆମେ ଯେଉଁ ମୁହୂର୍ତ୍ତରେ ଜନ୍ମହେଲେ, ମୃତ୍ୟୁ ମଧ୍ୟ ସେହି ମୁହୂର୍ତ୍ତରୁ ଜନ୍ମହେଲା ଏବଂ ଆମ ପାଖେ ପାଖେ ରହି ଆମର ବିଗତ ହୋଇଯାଉଥିବା ମୁହୂର୍ତ୍ତ ମୁହୂର୍ତ୍ତ ଗୁଡ଼ିକୁ ତା' ମୁଣାରେ ତୁରନ୍ତ ସାଉଁଟିନିଏ । ଅର୍ଥାତ୍ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଆମ୍ଭମାନଙ୍କର ମୃତ୍ୟୁ ହେଉଥାଏ । ଆମେ ଏ ସଂସାରକୁ ଏକା ଆସିଛେ ଏବଂ ଏକା ମଧ୍ୟ ଯିବା । ପିନ୍ଧା ବସନ ମଧ୍ୟ ଆମର ନୁହେଁ । ଅର୍ଜନ କରିଥିବା ସମସ୍ତ ସମ୍ପତ୍ତି, ଘରଦ୍ୱାର, ବନ୍ଧୁବାନ୍ଧବ, ସନ୍ତାନସନ୍ତତି ଓ ପରିବାରବର୍ଗ ଏହିଠାରେ ହିଁ ରହିଯିବେ । "ଟୀକା ଗୋବିନ୍ଦଚନ୍ଦ୍ର"ରେ ଚମତ୍କାର ଢଙ୍ଗରେ ଲେଖାଯାଇଛି- ***"ଆସିଲାର ବେଳେ ଏକାରେ କୁମର, ଗଲାବେଳେ ଯିବୁ ଏକା/ମଲେ ତୋ ସଙ୍ଗତେ କେହି ତ ନ ଯିବେ, ଧର୍ମ ଥିଲେ ହେବ ସଖା ।"***

ତେଣୁ ବେଳ ଥାଉ ଥାଉ ବନ୍ଧ ବାନ୍ଧିବାକୁ ପଡ଼ିବ । ବଡ଼ ଅନିଶ୍ଚିତ ଏ ଜୀବନ । କେବଳ ବର୍ତ୍ତମାନ ସମୟ ହିଁ ତୁମ ହାତମୁଠାରେ । ସମୟ ନଷ୍ଟ ନ କରି ଆସନ୍ତୁ ଜୀବନକୁ ଖାଲି ଜୀଇଁବାନି, ଜୀବନକୁ ଗଢ଼ିବା, ଧର୍ମ ସଞ୍ଚୟ କରିବା ।

***-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ:-୯୪୩୭୦୩୬୮୦୯***




# କେନ୍ଦୁଝର ଜିଲ୍ଲାରେ ଆଜି ୧୩୩କରୋନା ସଂକ୍ରମିତ ଚିହ୍ନଟ:ଆକ୍ଟିଭକେଶ ୧୩୭୯:ମୃତ୍ୟୁ ସଂଖ୍ୟା ୫୨ରେ ପହଂଚିଲା

କେନ୍ଦୁଝର: କରୋନା ଦ୍ୱିତୀୟ ଲହରର ଦ୍ୱିତୀୟ ଲକଡାଉନ ଚାଲିଥିବା ସମୟରେ ବାତ୍ୟା ୟ୍ୟାସର ପ୍ରଭାବ ମଧ୍ୟ ଜିଲ୍ଲାରେ ଜାରି ରହିଛି । ଏହି ସମୟରେ ଜିଲ୍ଲାରେ ଆଜି ପୁଣି ୧୩୩ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସର୍ବାଧିକ ୨୫ ଜଣ କେନ୍ଦୁଝର ସଦର ବ୍ଲକ ଅଂଚଳରେ ରହିଥିବା ବେଳେ ତା ତଳକୁ ୧୮ ଜଣ ଘଟଗାଁ ବ୍ଲକ ଅଂଚଳରେ ରହିଛନ୍ତି । ଅନୁରୁପ ଭାବେ କେନ୍ଦୁଝର ଗଡ ମ୍ୟୁନିସପାଲଟି ଅଂଚଳରେ ୧୫ ଜଣ , ଘଷିପୁରା ବ୍ଲକ ଅଂଚଳରେ ୧୩ ଜଣ, ଚମ୍ପୁଆ ବ୍ଲକ ଅଂଚଳରେ ୧୧ ଜଣ, ହାଟଡିହି ବ୍ଲକ ଅଂଚଳରେ ୯ ଜଣ , ସାହାରପଡା ବ୍ଲକ ଅଂଚଳରେ ୮ ଜଣ , ଝୁମ୍ପୁରା ବ୍ଲକ ଅଂଚଳରେ ୫ ଜଣ , ଆନନ୍ଦପୁର ମ୍ୟୁନିସପାଲଟି ଅଂଚଳରେ ୫ ଜଣ, ଯୋଡା ବ୍ଲକ ଅଂଚଳରେ ୪ ଜଣ , ବଂଶପାଳ ବ୍ଲକ ଅଂଚଳରେ ୪ ଜଣ , ବଡବିଲ ମ୍ୟୁନିସପାଲଟି , ଆ ନନ୍ଦପୁର ବ୍ଲକ , ପାଟଣା ବ୍ଲକ , ହରିଚନ୍ଦନପୁର ବ୍ଲକ , ତେଲକୋଇ ବ୍ଲକ ଅଂଚଳରେ ୩ ଜଣ ଲେଖାଁଏ ଏବଂ ଯୋଡା ମ୍ୟୁନିସପାଲଟି ଅଂଚଳରେ ୧ ଜଣ ରହିଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକର ବାଉଁଶଗଡ , ବେଲବାହାଳୀ ଓ ଶାଳବଣୀ ପଂଚାୟତରେ ୧ ଜଣ ଲେଖାଁଏ , ଆନନ୍ଦପୁର ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୭ ରେ ୨ ଜଣ , ଓ୍ୱାର୍ଡ ନଂ ୧୧ , ଓ୍ୱାର୍ଡ ନଂ ୧୪ , ଓ୍ୱାର୍ଡ ନଂ ୧୫ ରେ ୧ ଜଣ ଲେଖାଁଏ , ବଂଶପାଳ ବ୍ଲକର ବଂଶପାଳ , ବାୟାକୁମୁଟିଆ , ଶୁଆକାଟୀ , ତଳଚମ୍ପେଇ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ବଡବିଲ ମ୍ୟୁନିସପାଲଟି ର ଓ୍ୱାର୍ଡ ନଂ ୯ ରେ ୩ ଜଣ , ଚମ୍ପୁଆ ବ୍ଲକର ଭଣ୍ଡା , ଭୁଇଁପୁର , ଜାଲି , କାଳିକାପ୍ରସାଦ , ପଡୁଆ , ସଡଙ୍ଗୀ ଓ ଉଚ୍ଛବାଲି ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ଏବଂ ରଙ୍ଗମାଟିଆ ଓ ସରେଇ ପଂଚାୟତ ଅଂଚଳରେ ୨ ଜଣ ଲେଖାଁଏ , ଘଷିପୁର ବ୍ଲକର ବାଟୋ , ଗଁପୁର , ମଛାଳ , ମଦନପୁର , ପୁରୁଣାବାନ୍ଧଗୋଡା , ଶାମୁକାନେଣ୍ଡି ପଂଚାୟତରେ ୧ ଜଣ ଲେଖାଁଏ , ଖଳଣ ପଂଚାୟତରେ ୩ ଜଣ ଏବଂ ରାଧିକାଦେଇପୁର ଓ ତରିମୁଳ ପଂଚାୟତ ଅଂଚଳରେ ୨ ଜଣ ଲେଖାଁଏ , ଘଟଗାଁ ବ୍ଲକ ର ବଡଜାମୁପଶି , ବଡମଣିଶାବେଲା , ପଇଦପାଟଣା ଓ ପିପିଳିଆ ପଂଚାୟତରେ ୧ ଜଣ ଲେଖାଁଏ , ବାରାଟିପୁରା ପଂଚାୟତରେ ୨ ଜଣ ଏବଂ ମୁକୁନ୍ଦପର ପାଟଣା ପଂଚାୟତ ଅଂଚଳରେ ୧୨ ଜଣ , ହରିଚନ୍ଦନପୁର ବ୍ଲକ ର ଦୈତାରି , ଜଙ୍ଗିରା ଓ ରଶୋଲ ପଂଚାୟତରେ ୧ ଜଣ ଲେଖାଁଏ , ହାଟଡିହି ବ୍ଲକର ଆମ୍ବୋ , ବାଙ୍ଗୋର , ଢଙ୍କା ସଡଙ୍ଗ , ସଢା ପଂଚାୟତରେ ୧ ଜଣ ଲେଖାଁଏ ଓ ଓରାଳୀ ପଂଚାୟତରେ ୪ ଜଣ , ଝୁମ୍ପୁର ବ୍ଲକ ର ଅର୍ଶଳା , ବସନ୍ତପୁର , ଚଉଠିଆ, ନାରଦପୁର ଓ ଟୁକୁଡିହା ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ , ଯୋଡା ବ୍ଲକର ଗୁଆଳି ଓ ଜଜାଙ୍ଗ ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ ଏବଂ ପଲସା ପଂଚାୟତ ଅଂଚଳରେ ୨ ଜଣ , ଯୋଡା ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୧୩ରେ ୧ଜଣ , କେନ୍ଦୁଝର ଗଡ ମ୍ୟୁନିସପାଲଟି ର ଓ୍ୱାର୍ଡ ନଂ ୭ , ୮ , ୧୬ ରେ ୨ ଜଣ ଲେଖାଁଏ , ଓ୍ୱାର୍ଡ ନଂ ୧୩ , ୧୯ ରେ ୧ ଜଣ ଲେଖାଁଏ , ଓ୍ୱାର୍ଡ ନଂ ୯ ଓ ୧୩ ରେ ୪ ଜଣ ଲେଖାଁଏ , ପାଟଣା ବ୍ଲକର ବୁଢିକାପୁଡିଆ , ଖିରେଇଟାଙ୍ଗିରି ଓ ତୁରୁମୁଙ୍ଗା ପଂଚାୟତରେ ୧ ଜଣ ଲେଖାଁଏ, କେନ୍ଦୁଝର ସଦର ବ୍ଲକର ବାଉରିପଦା , ନେଲୁଙ୍ଗୁ , ନୁଆଗାଁ ଓ ପଳାଶପଙ୍ଗା ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ , ହାଣ୍ଡିଭଙ୍ଗା, ନରଣପୁର,ପର୍ଜନପୁର,ରଘୁନାଥପୁର ପଂଚାୟତ ଅଂଚଳରେ ୨ଜଣ ଲେଖାଁଏ, ବୋଦାପଳସା ପଂଚାୟତରେ ୪ଜଣ, ମଣ୍ଡୁଆ ପଂଚାୟତରେ ୭ଜଣ, ସାହାରପଡା ବ୍ଲକର ବାଇକଳା, ବଡବିଲ ଓ ଗଣ୍ଡବେଡା ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ,କୁଣ୍ଡଳା ପଂଚାୟତରେ ୨ଜଣ ଓ ଉଦୟପୁର ପଂଚାୟତରେ ୩ ଜଣ , ତେଲକୋଇ ବ୍ଲକର କରଦାଙ୍ଗି ପଂଚାୟତରେ ୨ଜଣ ଓ ସିରିଗିଡା ପଂଚାୟତରେ ୧ଜଣ ରହିଛନ୍ତି । ଫଳରେ ଜିଲ୍ଲାରେ ଅଦ୍ୟବଧି କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୪୦୦ ରେ ପହଂଚିଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ୧୩,୯୬୯ରେ ପହଂଚିଅଛି । ଜିଲ୍ଲାରେ ଆକ୍ଟିଭ କେଶ ୧୩୭୯ ରହିଥିବା ବେଳେ ଆଜି ପାଟଣା ବ୍ଲକ ଅଂଚଳରେ ଜଣେ ୭୭ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ପରେ ଜିଲ୍ଲାରେ କରୋନା ମୃତ୍ୟୁ ସଂଖ୍ୟା ୫୨ ରେ ପହଂଚିଅଛି । ଏବଂ ଗତ ୨୪ ଘଟଂା ମଧ୍ୟରେ ଜିଲ୍ଲାରେ ୪୩୫ ଜଣଙ୍କର କୋଭିଡ ଟେଷ୍ଟ ହୋଇଛି ।

# ଆଚଂଳିକ ଟ୍ରକ ମାଲିକ ସଂଘର ସାଧାରଣ ସଭା ଅନୁଷ୍ଠିତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାମେବାରୀ ଥାନା ଅର୍ନ୍ତଗତ ବୈତରଣୀ ନଦୀ କୂଳ ସତୀଘାଟ ଠାରେ ରବିବାର ଦିନ ଅଚଂଳିକ ଟ୍ରକ ମାଲିକ ସଂଘର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରାଜେନ୍ଦ୍ର ବାରିକଙ୍କ ଆବାହକତ୍ୱରେ ସଭା ଆୟୋଜନ କରାଯାଇଥିବା ବେଳେ ସଂଘର ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଆଚଂଳିକ ଟ୍ରକ ମାଲିକ ସଂଘର କାଳିମାଟି ଏବଂ ଦେଓଝର ଠାରେ ଫେବୃଆରୀ ୨୬ରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ପରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଯୋଡା ଟ୍ରକ ମାଲିକ ସଂଘର ମେରୀରାୟ ନୀତିରେ ସାଧାରଣ ଟ୍ରକ ମାଲିକମାନେ ଗାଡି ଲୋଡିଙ୍ଗ ରୁ ବର୍ଚିତ ହୋଇ ନାନା ହଇରାଣ ହରକତ ହେଉ ଥିଲେ । ଫଳରେ ଯୋଡା ଟ୍ରକ ମାଲିକ ସଂଘ କୁ ବିରୋଧ କରି ଆଚଂଳିକ ଟ୍ରକ ମାଲିକ ସଂଘ ମୁଣ୍ଡ ଟେକିଥିଲା । ନୂତନ ସଂଘ ଗଠିତ ହେବା ପରେ ଏହି ସଂଘରେ ବର୍ତ୍ତମାନ ସୁଦ୍ଧା ୧ହଜାର ରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ସେମାନଙ୍କ ନାମ ପଞ୍ଜିକରଣ କରି ସାରିଛନ୍ତି । ଆସନ୍ତା ମାସକ ମଧ୍ୟରେ ସମସ୍ତ ଯାନ ଗୁଡିକୁ କମ୍ପୁଟର କରଣ କରିବା ସହ ସମସ୍ତ ଖଣି ରୁ ମାଲ ପରିବହନ କରାଯିବ ବୋଲି ସଂଘର ସମ୍ପାଦକ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଆଚଂଳିକ ଟ୍ରକ ମାଲିକ ସଂଘ କୁ ସୁଚାର ରୂପେ ପରିଚାଳନା କରିବା ନିମନ୍ତେ ବର୍ତ୍ତମାନ ୨୨ ଜଣ ସଦସ୍ୟ ଙ୍କୁ ପରିଚାଳନା କମିଟିର ସଦସ୍ୟ କରାଯାଇଛି । ସେମାନଙ୍କ ମଧ୍ୟରୁ ସଭାପତି ମନୋଜ କୁମାର ମହାନ୍ତ, ଉପ-ସଭାପତି ଅର୍ଜୁନ କୁମାର ମୁଣ୍ଡା ଓ ମୁରଲୀଧର ମହାନ୍ତ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବାରିକ, ସହ-ସମ୍ପାଦକ ମୋନୋବୋଧ ବେହେରା, ବୁଲୁ ଚରଣ ବାରିକ, କୋଷାଧକ୍ଷ ତପନକୁମାର ସାହୁ ସେହିପରି ଉଗ୍ରେସନ ଆପଟ୍ଟ, କମଳାକାନ୍ତ ମହାକୁଡ, ଅନାଦି ବାରିକ, ଦିବ୍ୟଲୋଚନ ସାହୁ, ମହମ୍ମଦ ସାବାଜ ଆଲ୍ଲାମ, ମହମ୍ମଦ ଓସିଦ୍ ଆକମଲ୍ଲ, ମିଶ୍ର ମହାନ୍ତ, ପ୍ରଭାସ ପ୍ରସାଦ, ପର୍ଶୁରାମ ମହାନ୍ତ, ଗୋବିନ୍ଦ ଖିଲାର, ଜ୍ଞାନରଂଜନ ଖୁଣ୍ଟିଆ, ନନ୍ଦକିଶ୍ୱର ମହାନ୍ତ, ବସନ୍ତ କୁମାର ପଲେଇ, ସୋରଜ ବାରିକ, ରଣଜିତ କୁମାର ବେହେରା ଙ୍କୁ ଇ.ବି ମେମ୍ବର ଭାବେ କମିଟିରେ ସ୍ଥାନୀତ କରାଯାଇଛି । ଆୟୋଜିତ ସଭାରେ ଉପଦେଷ୍ଟା ମିଟିର ସଦସ୍ୟ ଭକ୍ତବନ୍ଧୁ ମହାନ୍ତ, ଜେଠୁରାମ ମହାନ୍ତ, ଗୋପୀନାଥ ଗୋପ, ଜୟନ୍ତ କୁମାର ବେହେରା, ମହମ୍ମଦ ମତିଉର ରହମାନ, ବିରବର ନାଏକ, ରଞ୍ଜିତ ନାଏକ, ତ୍ରୀଲୋଚନ ପଲେଇ ପ୍ରମୁଖ ଉପସ୍ଥିତ ରହି ଆଚଂଳିକ ଟ୍ରକ ମାଲିକ ସଂଘର କର୍ମକର୍ତାମାନଙ୍କୁ ସଂଘକୁ କିପରି ଭାବେ ସୁଦୃଢ କରିବା ସହ ଆଗାମୀ ଦିନରେ ଏକ ଅଗ୍ରଣୀ ଓ ସୁପ୍ରତିଷ୍ଠିତ ସଂଘ କରାଯିବ ସେ ଉଦ୍ଦେଶ୍ୟରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ସାଧାରଣ ସଭାରେ ଚମ୍ପୁଆ ଉପଖଣ୍ଡ ସମେତ ପଳାଶପଙ୍ଗା ଅଚଂଳରୁ ୭ଶହରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା ।

## ମହୂଦୀପା ବାଲି ଘାଟରୁ ଚୋରା ବାଲି ଚାଲାଣ, ବିପୁଳ ରାଜସ୍ୱ ହାନି

କେନ୍ଦୁଝର: ସାହାରପଡା ତହସିଲ ଅନ୍ତର୍ଗତ ବୈତରଣୀର ମହୂଦୀପା ବାଲିଘାଟରୁ ବେଆଇନ୍ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ପୂର୍ବରୁ ସ୍ଥାନୀୟ ଲୋକେ କେନ୍ଦୁଝର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ନଦୀକୁ ଯାଇଥିବା ଗୋଟିଏ ରାସ୍ତାକୁ କାଟି ଦିଆଯାଇ ଥିଲା । ଏବେ ଏହି ରାସ୍ତାକୁ ମରାମତି କରି ବାଲି ମାଫିଆମାନେ ମନଇଚ୍ଛା ବାଲି ଲୁଟ୍ ପାଇଁ ସୁଯୋଗ ପାଉ ଥିବାରୁ ବିପୁଳ ରାଜସ୍ୱ ହାନୀ ହେଉଥିବା ଅଭିଯୋଗ ହୋଇଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣେ ମତ ପ୍ରକାଶ ପାଇଛି ।

## କୋଭିଡ୍ ପରିଚାଳନା ନିମନ୍ତେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାକୁ ସହାୟତାଯୋଗାଇବ ଔଷଧ ନିଗମ

ଭୁବନେଶ୍ୱର: ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରେ ଉତ୍କୃଷ୍ଟ କୋଭିଡ୍ ପରିଚାଳନା ନିମନ୍ତେ ଆବଶ୍ୟକ ଡାକ୍ତରୀ ସରଞ୍ଜାମ ଓ ଉପକରଣ ଓଡ଼ିଶା ଔଷଧ ନିଗମ ଯୋଗାଇବ । ଏ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ନୀତିଗତ ନିଷ୍ପତି ନିଆଯାଇଛି । ଯେହେତୁ ରାଜ୍ୟ ସରକାରଙ୍କ ତରଫରୁ ଏହି ନିଗମ ଡାକ୍ତରୀ ସରଞ୍ଜାମ ଓ ଉପକରଣ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଂଗ୍ରହ କରିବା ପାଇଁ ଆବଶ୍ୟକୀୟ ବୈଷୟକ ଯୋଗ୍ୟତା, ଅନୁଭୂତି ରହିଛି, ତେଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପରାମର୍ଶ କ୍ରମେ ସମସ୍ତ ଜିଲ୍ଲାପାଳଙ୍କୁ ଏସବୁ ସାମଗ୍ରୀ ନିଗମ ମାଧ୍ୟମରେ ଯୋଗାଇ ଦେବା ପାଇଁ ଜଣାଇ ଦିଆଯାଇଛି । ଏହା ବ୍ୟତୀତ ଆବଶ୍ୟକୀୟ ସିଭିଲ୍ ଓ ବିଦ୍ୟୁତିକରଣ କାମ, ଆଇସିୟୁ ଶଯ୍ୟା, ଅମ୍ଳଜାନ ପାଇପଲାଇନ୍, ଡିଜି ସେଟ୍ ଇତ୍ୟାଦି ଡାକ୍ତରୀ ଓ ଅଣଡାକ୍ତରୀ ସରଞ୍ଜାମ ପାଇଁ ଜିଲ୍ଲାପାଳମାନେ ସିଧାସଳଖ ସ୍ଥାନୀୟ ବ୍ୟବସ୍ଥା ଅନୁସାରେ କ୍ରୟ ଓ ଯୋଗାଡ଼ କରିବେ । ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଉପଯୁକ୍ତ କୋଭିଡ୍ ପରିଚାଳନା ନିମନ୍ତେ ଆବଶ୍ୟକୀୟ ଜରୁରୀ ସରଞ୍ଜାମ ସଂଗ୍ରହ ଏବଂ ଭିତିଭୂମି ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ କିଛିଦିନ ପୂର୍ବରୁ ୨୫ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଥିଲା ।

# ବିଶ୍ୱ ଜୈବ ବିବିଧତା ଦିବସ

ପୃଥିବୀ ପୃଷ୍ଠର ବିଭିନ୍ନ ପ୍ରାନ୍ତରରେ ଜୈବ ବିବିଧତା ଆଜି ବପଦଗ୍ରସ୍ତ । ଭାରତ ବର୍ଷରେ ଅରଣ୍ୟ ସମୂହ ବିବିଧ ପ୍ରାଣୀ ଓ ଉଦ୍ଭିଦ ଦେଖିବାକୁ ମିଳିଥାନ୍ତି । ହିମାଳୟର ଶୀତଳ ମରୁଭୂମି ଓ ରାଜସ୍ଥଆନର ଉଷ୍ଣ ମରୁଭୂମି ନିଜସ୍ୱ ପ୍ରସିଦ୍ଧି ଲାଭ କରିଛନ୍ତି । ଅଧିକ ସଂଖ୍ୟା ଓ ପ୍ରକାର ଜୀବ ଦେଖାଯାଉଥିବା ଅଞ୍ଚଳକୁ ବିବିଧତାର ହଟସ୍ପଟ କୁହାଯାଇଥାଏ । ପୃଥବୀର ମୋଟ ୩୪ଟି ଜୈବ ବିବଧତା ପୂର୍ଣ୍ଣ ହଟସ୍ପଟ ମଧ୍ୟରୁ ଭାରତରେ ଚାରୋଟି ରହିଛି । ବର୍ତ୍ତମାନ ବ୍ୟାପକ ଜଙ୍ଗଲ କ୍ଷୟ ଜୈବବିବିଧତାକୁ ଧ୍ୱଂସମୁଖକୁ ଠେଲି ଦେଇଛି । ପ୍ରତି ୨୦ ମିନିଟରେ ବିବିଧତାର ଗୋଟିଏ ଜାତି ବା ପ୍ରଜାତିର ବିଲୁପ୍ତି ଘଟୁଛି । ବିଭିନ୍ନ ଜାତି ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ପରସ୍ପର ନିର୍ଭରଶୀଳ ଏବଂ ପ୍ରକୃତିର ଭାରସାମ୍ୟ ରକ୍ଷା କରିବାରେ ସହାୟକ ହୋଇଥାନ୍ତି । ଓଡିଶା ଜୈବବିବିଧତା କ୍ଷେତ୍ରରେ ସମୃଦ୍ଧ । ଏଠାରେ ୧୮ଟି ଅଭୟାରଣ୍ୟ ଓ ୨ଟି ଜାତୀୟ ପାର୍କ ରହିଛି । ଆମ ରାଜ୍ୟରେ ୮୭ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୪୦୭୩ ପ୍ରକାର ପକ୍ଷୀ, ୨୭୨୦ ପ୍ରକାର ଉଦ୍ଭିଦ, ୧୧୦ ପ୍ରକାର ସରୀସୃପ ଓ ୨୦ ପ୍ରକାର ଉଭୟଚର ଜୀବ ଉପଲବ୍ଧ ଅଛନ୍ତି । ସାଧାରଣତଃ ସରସୃପ ଓ ୨୦ ପ୍ରକାର ଉଭୟଚର ଜୀବ ଉପଲବ୍ଧ ଅଛନ୍ତି । ସାଧାରଣତଃ ବିଷୁବ ରେଖା ନିକଟରେ ଜୈବ ବିବିଧତାର ପ୍ରାଚୁର୍ଯ୍ୟ ଅଧିକ ଦେଖାଯାଇଥଆଏ ଯାହା କ୍ରମଶଃ ମେରୁ



ଡକ୍ଟର ଭାଗୀରଥୀ ବେହେରା

ନିକଟବର୍ତ୍ତୀ ଅଞ୍ଚଳରେ ହ୍ରାସ ପାଇଥାଏ । ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ଆଇୟୁସିଏନ୍ ଦ୍ୱାରା ପ୍ରକାଶିତ ଲାଲ ତଥ୍ୟ ପୁସ୍ତକରେ ସଂକଟାପନ୍ନ ଜାତୀ, ପ୍ରାଣୀ ଓ ଉଦ୍ଭିଦଙ୍କର ସଂଖ୍ୟା ଉଲ୍ଲେଖ କରାଯାଇଛି । ଆମ ଦେଶରେ ୨୧୫ ପ୍ରଜାତିର ପ୍ରାଣୀ ଓ ୨୪୪ ପ୍ରଜାତିର ଉଭିତ ବିପଦଗ୍ରସ୍ତ ଅବସ୍ଥାରେ ରହିଛନ୍ତି । ପୃଥିବୀର ପରିବର୍ତ୍ତିତ ପରିସ୍ଥିତିରେ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣର ଆବଶ୍ୟକତା ରହିଛି । ବିପଦଗ୍ରସ୍ତ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ଜାତି ସଂଘର ପ୍ରୟାସରେ ମଇ ମାସ ୨୨ ତାରିଖକୁ ବିଶ୍ୱ ବା ଆନ୍ତର୍ଜାତିକ ଜୈବବିବିଧତା ଦିବସ ରୂପେ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟ ବସ୍ତୁ ରହିଛି ‘ଆମେ ସମାଧାନର ଏକ ଅଂଶ’ । ବିବିଧତା ପୂର୍ଣ୍ଣ ଜୀବଜଗତ ସର୍ବଦା ମନୁଷ୍ୟର ଆବଶ୍ୟକତାକୁ ପୂରଣ କରିଥାନ୍ତି । ଆମର ବାସସ୍ଥାନ, ଖାଦ୍ୟ, ବସ୍ତ୍ର, ଶକ୍ତି, ଔଷଧ ଆଦିର ଚାହିଦା ଜୈବବିବିଧତା ଦ୍ୱାରା ପୂର୍ଣ୍ଣ ହୋଇଥାଏ । ତେଣୁ ଆମକୁ ନିରନ୍ତର ସେବା ଯୋଗାଉଥିବା ଜୀବଜଗତକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ । ପ୍ରକୃତିର ଭାରସାମ୍ୟ ତଥା ଉଦ୍ଭିଦ ଓ ଜୀବଜନ୍ତୁ ମାନଙ୍କର ପରିସ୍ଥାନର ସୁରକ୍ଷା ନିମନ୍ତେ ଜୈବବିବିଧତା ସଂରକ୍ଷଣ ଏକାନ୍ତ ଆବଶ୍ୟକ । ଏଥିପାଇଁ ଜନସଚେତନତା ଜରୁରୀ । ଆଇନ କାନୁନର ପ୍ରଣୟନ ଦ୍ୱାରା ଜୈବ ବିବିଧତାକୁ ସୁରକ୍ଷା ଦେଇହେବ । ଲୋକ ମାନଙ୍କୁ ପରିବେଶ ସଚେତନତା ଦିଗରେ ଶିକ୍ଷାର ଆବଶ୍ୟକତା ରହିଛି । ଜୈବବିବିଧତାର ଅବକ୍ଷୟ ପାଇଁ ଏକମାତ୍ର ମନୁଷ୍ୟଦାୟୀ । ବର୍ତ୍ତମାନ ପ୍ରକୃତିରେ ଭାରସାମ୍ୟ ହରାଇ ଆମେ ଜଳବାୟୁ ପରିବର୍ତ୍ତନ, ମହାମାରୀ ଆଦି ଦ୍ୱାରା ଆକ୍ରାନ୍ତ । ପରିତାପର ବିଷୟ ଏହିକି ଯେ କୌଣସି ଗୋଟିଏ ପ୍ରାକୃତିକ ଜଙ୍ଗଲ ସମଗ୍ର ପୃଥିବୀରେ ଖୋଜି ବାହାର କରିବା ଅସମ୍ଭବ ହୋଇ ପଡିଛି । ପରିବେଶ ପ୍ରଦୂଷଣ ଯୋଗୁଁ ଜୀବମାନଙ୍କର ପ୍ରାକୃତିକ ଆବାସ ସ୍ଥଳ ବିପର୍ଯ୍ୟସ୍ତ ହେଉଛି । ଶଙ୍କର ଜାତୀୟ ଜୀବମାନଙ୍କର ବହୁଳ ପ୍ରସାର ଯୋଗୁଁ ପୁରାତନ ମୂଳ ଜିନ୍ ବିଶିଷ୍ଟ ଜୀବମାନେ ଧ୍ୱଂସାବିମୁଖୀ । ପରିସଂସ୍ଥାର ଭାରସାମ୍ୟ, ଜୀବଜନ୍ତୁଙ୍କର ସୁରକ୍ଷା ଏବଂ ପରିବେଶର ସୁରକ୍ଷା ପ୍ରତି ଆମେ ସଯତ୍ନ ହେବା ଉଚିତ୍ । ତେଣୁ ଯଥାର୍ଥରେ ସମାଧାନର ମାର୍ଗ ଆମ ହାତରେ କହିଲେ ଉତ୍ୟୁକ୍ତି ହେବ ନାହିଁ ।

ପୂର୍ବତନ ନିର୍ଦ୍ଦେଶକ
ପରିବେଶ ବିଭାଗ, ଓଡିଶା ସରକାର
ମୋ-୯୪୩୭୦୧୧୮୩୭

# ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଭରଚୁଆଲ ମୋଡରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ , ବରଗଡ଼ ସାଂସଦ ସୁରେଶ ପୂଜାରୀ , ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି , ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ , ଡି ଏଫ ଓ ଲଳିତ ପାତ୍ର , ପି ଡି ଡିଆରଡିଏ ତପିରାମ ମାଝୀ , ଉପ ଜିଲ୍ଲାପାଳ ଶିବ ଟପ୍ପୋ ,ସମସ୍ତ ପଂଚାୟତ ସମିତି ଓ ପୌରପାଳିକାର ଅଧକ୍ଷ , ବି ଡି ଓ , ତହସିଲଦାର , ସମ୍ପୃକ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ସକାଶେ ବିଭିନ୍ନ ପ୍ରାକ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବନ୍ୟା ପ୍ରଭାବିତ ଅଂଚଳ ଚିହ୍ନଟ, ଆଶ୍ରୟ ସ୍ଥଳୀ ଗୁଡିକରେ ବିଦ୍ୟୁତ , ପାନୀୟ ଜଳ , ପାଇଖାନାର ସୁବ୍ୟବସ୍ଥା ସହ ମହିଳାମାନେ କିପରି ସୁରକ୍ଷିତ ଭାବରେ ରହିବେ ଓ ଶିଶୁମାନଙ୍କର ଯତ୍ନ ନିଆଯିବ ସେ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ବୁଡି ଅଂଚଳରେ ସମସ୍ତ ପରିବାରର ତଥ୍ୟ ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଡଙ୍ଗା କାର୍ଯ୍ୟକ୍ଷମ ରଖିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଚାଉଳ , କିରୋସିନୀ , ଗୋ ଖାଦ୍ୟ ଆଦି ମହଜୁଦ ରଖିବା ସକାଶେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସାପ କାମୁଡ଼ା ଔଷଧ ମହଜୁଦ ରଖିବା ଓ ପର୍ଯ୍ୟାପ୍ତ ପରିମାଣରେ ଜରୁରୀ ଔଷଧ ଓ ଆର ଏସ ଓ ହେଲୋଜେନ ଟ୍ୟାଲେଟ ମହଜୁଦ ରଖିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କୂଅ ଓ ନଳ କୂପ ବିଶୋଧନ , ଓଡ୍ରାଫ ଟିମକୁ ସଜାଗ ରଖିବା ଓ ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ବୈଠକରେ ବର୍ଷା ଜନିତ ପରିସ୍ଥିତିରେ ଫସଲହାନିର ରିପୋର୍ଟ ପ୍ରଦାନ , ବର୍ଷା ମାପକ ଯନ୍ତ୍ କାର୍ଯ୍ୟକ୍ଷମ ରଖିବା ସହ ପ୍ରତ୍ୟହ ବର୍ଷାପାତର ବିବରଣୀ ଜିଲ୍ଲା କାର୍ଯ୍ୟାଳୟକୁ ପଠାଇବାକୁ ଜିଲ୍ଲାପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ ଅଧିକାରୀମାନେ ସମସ୍ୟା ପ୍ରତି ସଜାଗ ରହି ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାଓ୍ୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି । ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି । ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି । ବେଦାନ୍ତର ଆଲୁମିନିୟମ ଏବଂ ପାଓ୍ୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାଓ୍ୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି । କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି । ସାଧାରଣତଃ ଉତ୍ପାଦନ ଏବଂ ଭାରି ଇନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି । ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ । ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାଓ୍ୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ଓ୍ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି । ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି । ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ । କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି । ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍‌ରେ ସଫଳ



ହେବାର ସମ୍ଭବନା ଅଧିକ ରହିଥାଏ ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ । ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ । ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ । ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି । ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି । ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ । ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି । କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି । ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ । ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି । ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ । ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ଓ୍ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି । ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି । ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ । ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ । ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ । ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ । କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାଓ୍ୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ । ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା । ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା । ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ । ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି । ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି । ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି । ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ । ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ । ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି । ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ ।

## ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା : ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କୋର୍ଟ ପରିସରରେ ମିଳୁନି ପାନୀୟଜଳ, ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି । କୋର୍ଟ ପରିସର ରେ ସାଧାରଣ ଲୋକଙ୍କ ପାଇଁ ପିଇବାପାଣି ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଆଇନଜୀବି ମୋହନ ସାହୁ, ଗଗନ ଜେନା, ଗଗନ ରାଉତ, ତାରିଣି ପଟଜୋସୀ, ସେକ ଅଜିମୁଦ୍ଦିନ, ଗୋଲଖ ରାଉତ, ଶାନ୍ତି ସ୍ୱରୂପ ଭୁୟାଁ, ଚୈତନ୍ୟ ଚରଣ ମଲିକ ପ୍ରମୁଖ ଦାବି କରିଛନ୍ତି ।




# ମର୍ଯ୍ୟାଦା ପୁରୁଷୋତ୍ତମ ରାମହିଁ ଥିଲେ ଉପେନ୍ଦ୍ର ଭଞ୍ଜଙ୍କର ମାର୍ଗଦର୍ଶକ



ଆ।ମେ ଯଦି ଘୁମୁସର ଇତିହାସକୁ ଅନୁଧାନ କରିବା ତେବେ ରାମଚନ୍ଦ୍ରଙ୍କ ଭଳି ଉପେନ୍ଦ୍ରଙ୍କର ଯଜ୍ଞ ପ୍ରସାଦରୁ ଜନ୍ମ ବୋଲି ଉଲ୍ଲେଖ ଅଛି। ତାଙ୍କର ମାତା ଓ ମାତାମହୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ସୁପୁତ୍ର ଜନ୍ମ ନିମନ୍ତେ ପିତାମହ ଧନଞ୍ଜୟ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ଉପେନ୍ଦ୍ରଙ୍କର ଜନ୍ମ ଜାତକରେ ମନର କାରକ ଚନ୍ଦ୍ର, ଦେବଗୁରୁ ବୃହସ୍ପତି ଓ ଦୈତ୍ୟଗୁରୁ ଶୁକ୍ରଙ୍କର ସ୍ଥାନ ଥିଲା ନବମ ଘରେ। ଯାହା ସନ୍ତାନ ବିଷ୍ଣୁଭକ୍ତ ହେବାର ଏକ ସୂଚନା। ଯୋଗବାରିଧି ଆୟୁର୍ବେଦ ଖଣ୍ଡ ଅନୁଯାୟୀ ଚନ୍ଦ୍ର, ଗୁରୁ ଓ ଶୁକ୍ର ପଂଚମ କିମ୍ବା ନବମରେ ଥିଲେ ବ୍ୟକ୍ତି ବିଷ୍ଣୁଲୋକରୁ ଆସି ଜନ୍ମଗ୍ରହଣ କରିଥାଏ। ବାଲ୍ୟକାଳରୁ ଉପେନ୍ଦ୍ର ନିଜ ମାତାମହୀଙ୍କଠୁ ପୁରାଣର କାହାଣୀମାନ ଶୁଣି ଇଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ଉଦ୍ରେକ ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ଇଷ୍ଟଦେବୀ ଦୁର୍ଗାଙ୍କୁ ମାତ୍ର ଛ ମାସ ଜପକରି ମନ୍ତ୍ରସିଦ୍ଧ ହୋଇଥିଲେ ଏବଂ କବିତ୍ୱର ଶକ୍ତି ପ୍ରାପ୍ତିଲାଗି ତାଙ୍କୁ ବର ପ୍ରର୍ଥନା କରି ସଫଳ ହୋଇଥିଲେ। ଘୁମୁସରର ଇତିହାସ ଅନୁଯାୟୀ ଉପେନ୍ଦ୍ର ଭଞ୍ଜ ଥିଲେ ତନ୍ତ୍ର ସିଦ୍ଧ। ଏବଂ ସେ ଶକ୍ତି ସହିତ ପରଂବ୍ରହ୍ମ ନାରାୟଣ ତଥା ଇଷ୍ଟ ରାମଚନ୍ଦ୍ରଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତ୍ୟେହ ସେ ଅଶ୍ୱାରୋହଣ କରି ଓଡ଼ଗାଁ ରଘୁନାଥ ଜୀଉଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ବାଟରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ ଜଣେ ସାଧକ ଶବ ସାଧନା କରୁଛି। ଦେବୀ ଭୈରବୀ ରୂପରେ ଆବିର୍ଭୂତା ହୋଇଛନ୍ତି। ଦେବୀଙ୍କ ଦର୍ଶନରେ ସାଧକ ହୋଇଛି ମୂର୍ଚ୍ଛିତ। ଏହାର ସୁଯୋଗନେଇ ଉପେନ୍ଦ୍ର ଶବ ଉପରେ ବସିପଡ଼ି ଦେବୀଙ୍କୁ ବର ପ୍ରର୍ଥନା କଲେ ଏବଂ ଭୈରବୀଙ୍କ କୃପାରୁ ସେ ହୋଇଥିଲେ କବିତ୍ୱର ଅଧିକାରୀ। ଅନୁରୂପ ଏକ କିମ୍ବଦନ୍ତୀ ଅନୁଯାୟୀ ବ୍ୟାଘ୍ରଦେବୀଙ୍କ ନିକଟରେ ଜଣେ ସାଧକ ବ୍ରାହ୍ମଣଙ୍କୁ ବଳିଦେଇ ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ। ଏ କିମ୍ବଦନ୍ତୀର ସତ୍ୟତା ସନ୍ଧିହୀନ ମାତ୍ର ବାଲ୍ୟକାଳ ଓ କିଶୋର ଅବସ୍ଥାରେ ଉପେନ୍ଦ୍ର ଦୁର୍ଗା ଓ ବ୍ୟାଘ୍ରଦେବୀଙ୍କର ଭକ୍ତ ଥିଲେ, ଏଥିରେ କୌଣସି ଦ୍ୱିମତ ନାହିଁ।

ଭଞ୍ଜପ୍ରତିଭାର ସ୍ଫୁରଣରେ ଶକ୍ତିର ପ୍ରସନ୍ନତା ମହତ୍ୱପୂର୍ଣ୍ଣ। ମାତ୍ର ଏହାର ବିକାଶ ଓ ସିଦ୍ଧିରେ ରାମଚନ୍ଦ୍ରଙ୍କର ଆଶିର୍ବାଦ ଓ ମାର୍ଗଦର୍ଶନ କାର୍ଯ୍ୟ କରିଛି। ସ୍ୱୟଂ ନିଜେ ଉପେନ୍ଦ୍ର ନିଜର ପ୍ରତିଟି କାବ୍ୟରେ ଏହା ସ୍ୱୀକାର କରିଛନ୍ତି। ସେ ସଦାସର୍ବଦା ପ୍ରଭୂ ରାମଚନ୍ଦ୍ରଙ୍କର ମହିମା ଓ ମହତ୍ୱ ବର୍ଣ୍ଣନାରେ ଶତମୁଖ। କୈଶ୍ୱର ଅବସ୍ଥାରେ ରାମତାରକା ମନ୍ତ୍ର ସିଦ୍ଧି ଲାଗି ସେ ରାଜଗୁରୁଙ୍କ ଦ୍ୱାର ଉପବିଷ୍ଟ ହୋଇଥିଲେ। ନିଜର ଉଦ୍ଦେଶ୍ୟକୁ ସାକାର କରିବା ନିମିତ ସେ ଅନେକ ରାମପୀଠ ଭ୍ରମଣ କରିଥିଲେ ମଧ୍ୟ ନୟାଗଡ଼ ମାଳୀସାହି ଥିଲା ତାଙ୍କ ରାମ ସାଧନାର କେନ୍ଦ୍ର। ସେଠାରେ ଏବେବି ଏକ ରାମ ମନ୍ଦିର ଓ ଶିବ ମନ୍ଦିର ବିଦ୍ୟମାନ। ଶିବ ହେଉଛନ୍ତି ରାମତାରକ ମନ୍ତ୍ରର ପ୍ରବର୍ତକ। ଉପେନ୍ଦ୍ରଙ୍କ କାବ୍ୟରେ ରାମଙ୍କ ସହିତ ଶିବଙ୍କୁ ବହୁବାର ପ୍ରାର୍ଥନା କରାଯାଇଛି। ଘୁମୁସର ଇତିହାସ ଅନୁଯାୟୀ ଉପେନ୍ଦ୍ର ଓଡ଼ଗାଁର ରଘୁନାଥଙ୍କ ପ୍ରତିଷ୍ଠିତା। ଆଜି ମଧ୍ୟ ପୁରୀର କଣ୍ଡେଇବେଂଟ ସାହିରେ ପ୍ରତିଷ୍ଠିତ ଏକ ମଠର ନାମ ଘୁମୁସର ମଠ। ଯେଉଁଠାରେ ସୀତାରାମଙ୍କ ମୂର୍ତୀ ପୂଜା ପାଉଛନ୍ତି। ଉପେନ୍ଦ୍ର ନିଜର ଶ୍ରୀକ୍ଷେତ୍ର ଆଗମନ କାଳରେ ସୀତାରାମଙ୍କୁ ଆରଧନା କରୁଥିଲେ।

ପୈତୃକ ପରମ୍ପରାନୁସାରେ ଉପେନ୍ଦ୍ର ଥିଲେ ବୈଷ୍ଣବ। ତାଙ୍କ ସମୟକୁ କୃଷ୍ଣପ୍ରେମ ଧର୍ମ ସହିତ ଚୈତନ୍ୟଙ୍କର ଆବିର୍ଭାବ ଘଟିସାରିଥିଲା। ରାମାନୁଜ ଭକ୍ତି ଧର୍ମ ତାର ବିଚିତ୍ର ସ୍ୱରୁପଟିକୁ ନେଇ ଓଡ଼ିଶାରେ ବହୁଳ ପ୍ରସାରିତ ହୋଇଥିଲା। ଚୈତନ୍ୟଙ୍କ ପରକୀୟା ପ୍ରୀତିର ଉଦାହରଣ ଉପେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ରତି ଓ ପ୍ରୀତିର କାବ୍ୟକାର ହୋଇ ମଧ୍ୟ ସାମାଜିକ ଉତ୍ସୃଙ୍ଖଳାତାକୁ ସେ ପ୍ରଶୟ ଦେଇ ନ ଥିଲେ। ସ୍ୱକୀୟା ପ୍ରୀତି ଓ ଏକ ପତ୍ନୀବ୍ରତାର କଠୋର ପରିଧି ଉପେନ୍ଦ୍ର ଲଙ୍ଘନ କରିନାହାନ୍ତି। ଉପେନ୍ଦ୍ର ଥିଲେ ଶକ୍ତି ଓ ରାମଙ୍କର ପରମ ଭକ୍ତ। ଯଦିଓ ରାମଚନ୍ଦ୍ର ତାଙ୍କର ଇଷ୍ଟ ଓ ମାର୍ଗଦର୍ଶକ ଥିଲେ ମାତ୍ର ହିନ୍ଦୁ ଧର୍ମର ଅନ୍ୟାନ୍ୟ ଦେବ ଦେବୀଙ୍କ ପ୍ରତି ତାଙ୍କର ଥିଲା ଯଥୋଚିତ ସମ୍ମାନ। ସେ ତାଙ୍କ କବିତା ବୃତିରେ ଦୁର୍ଗା, ରାମ, ବିଷ୍ଣୁ, ଶିବ, କୃଷ୍ଣ, ଜଗନ୍ନାଥ ବିବିଧ ଅବତାରମାନଙ୍କୁ ସମ୍ମାନିତ କରିଛନ୍ତି।




ରାମଚନ୍ଦ୍ରଙ୍କୁ ତାଙ୍କର କବି ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ସେ "ଲାବଣ୍ୟବତୀ" କାବ୍ୟରେ ଲେଖିଛନ୍ତି "ରାମ ତାରକ ପରସାଦେ – ମୋହର କବିପଣ ଉଦେ" ଏଥିପାଇଁ ବୋଧ ହୁଏ ସେ ପ୍ରଥମେ ୮ ଅନୁପ୍ରାସରେ "ବୈଦେହୀଶ ବିଳାଶ" କାବ୍ୟ ରଚନା କରିଥିଲେ। ଏହି କାବ୍ୟକୁ ନେଇ ଏକ ରୋଚକ କଥା ଆସିଥାଏ। ପିଲାବେଳେ ଉପେନ୍ଦ୍ର ଗୋଟିଏ କବିତା ଲେଖି ନିଜ ପିତୃଙ୍କ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇବା ବେଳେ ସେ ହେୟ ଜ୍ଞାନ ପୂର୍ବକ କହିଥିଲେ କି କବିତା ଲେଖିଛୁବ ? ପାଠକେ 'ବ' ହେଉଛି ଗୋଟି ନିରର୍ଥକ ବୋଧକ ଅକ୍ଷର। ସେହିଦିନ ଉପେନ୍ଦ୍ର କହିଲେ ଅଜା ଯେଉଁଟାକୁ ନିରର୍ଥକ ଓ ହେୟ ମନେକଲ, ସେଇ 'ବ' ଅନୁପ୍ରାସରେ କାବ୍ୟ ରଚନା କରିବି ଓ "ବୈଦେହୀଶ ବିଳାଶ" ଆଜି କାବ୍ୟ ଜଗତର ଏକ ମହାନକାବ୍ୟ। ରାମଚନ୍ଦ୍ରଙ୍କ ଭାବନା ଓ ଭକ୍ତି ତାଙ୍କର ସମସ୍ତ କାବ୍ୟରେ ବିକ୍ଷିପ୍ତ ଭାବରେ ରହିଛି। ରାମ ଓ ବିଷ୍ଣୁଙ୍କ ମଧ୍ୟରେ ସେ କୌଣସି ତାରତମ୍ୟ ଦେଖି ନାହାନ୍ତି। ଯାହାର ନିମ୍ନୋକ୍ତି ଉଦାହରଣରୁ ସ୍ପଷ୍ଟ ଅନୁମେୟ।

***"କହେ ଉପଇନ୍ଦ୍ର ମୋ ପ୍ରଭୂ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ। ଜାତକଲେ କ୍ଷୀରାର୍ଣ୍ଣବୁ ସୁଧା ମୋର/ଜୀରାର୍ଣ୍ଣକୁ ରସ ଗୀତ, ସେତ।"***

ଠିକ୍ ଲାବଣ୍ୟବତୀରେ ସେ ଲେଖିଛନ୍ତି "ଜୟ ଜୟ ଜୟରାମ ଜନକ ସୁଖଦ, ଭୀମ ହରଷ ଦାନରେ ସଦା ବିଶାରଦ"। ଠିକ୍ ସେପରି 'ତଟୈକ' କାବ୍ୟରେ "ହରିତାସ୍ୱର ସର୍ବଦା ଅଙ୍କହୀନ ସେହି, ରାଘବ ଶିବ ବିଧିରେ ଉପଇନ୍ଦ୍ର ଧ୍ୟାୟୀ ଯେ"। କେବଳ ରାମଚନ୍ଦ୍ର ତାଙ୍କର ଇଷ୍ଟ ଥିଲେ ତାହା ନୁହେଁ ଏଥି ସହିତ ମଧ୍ୟ ସେ ସୀତା, ଲକ୍ଷ୍ମଣ, ଭରତ, ଶତୃଘ୍ନ, ଓ ହନୁମାନଙ୍କୁ ମଧ୍ୟ ସେ ବନ୍ଦନା କରିଛନ୍ତି। ସେ ସୀତାରାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କସ୍ମିନ୍‌କାଳେ ତାଙ୍କର ହୃଦୟ କନ୍ଦରରୁ ଅନ୍ତର ନ ହେବା ଲାଗି ସୀତାରାମଙ୍କୁ ଆବେଦନ ଜଣାଇ "ଲାବଣ୍ୟବତୀ" କାବ୍ୟରେ ସେ ଲେଖିଛନ୍ତି – ***"କହି କବି ଭଞ୍ଜ ବୀରବର ଦିବ୍ୟରସ/ ଆହେରାମ ଅବିଘ୍ନେ ଏ ଗୀତକର ଶେଷ। ସୀତା ସହିତେ ମୋ ଚିତୁ ନୋହିବ ଅନ୍ତର/ଏହି ଅଭିଷ୍ଟକୁ କରିଅଛି ନିରନ୍ତର ହେ।"***

"ଅବନା ରସ ତରଙ୍ଗରେ" ସେ ଯୁଗ ଯୁଗ ଧରି ତାଙ୍କ ପାଦରେ ସ୍ଥାନ ଲଭିବାକୁ ଲେଖିଛନ୍ତି "ଉପଇନ୍ଦ୍ର ଭଞ୍ଜର ସହସ୍ର ଦଣ୍ଡବତ୍, ଜନମ ଜନମ କର ତବର ଭକତ"। ଉପରୋକ୍ତ ଆଲୋଚନାରୁ ଏହା ଅନୁମେୟ ହୁଏ ଯେ ରାମଚନ୍ଦ୍ର ଥିଲେ ତାଙ୍କର ଆଧାତ୍ମିକ ଭାବନାର କେନ୍ଦ୍ରବିନ୍ଦୁ। ଆଜି ପବିତ୍ର ରାମ ନବମୀରେ ମୋର ଇଷ୍ଟ ତଥା ଉପେନ୍ଦ୍ରଙ୍କର ଇଷ୍ଟ ତଥା ମାର୍ଗଦର୍ଶକ ପ୍ରଭୂ ରାଜୀବ ଲୋଚନ ସମାଜର ମଙ୍ଗଳ ବିଧାନ କରିବାସହ ସମସ୍ତିଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ। ଏହା ହିଁ କାମନା।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମେନ୍ ରୋଡ୍, ଖୋର୍ଦ୍ଧା**

## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

ବାଲେଶ୍ୱର (ପିଏନ୍): ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ନଗର ଶାଖା ପକ୍ଷରୁ ସ୍ଥାନୀୟ ଆୟୁଷ୍ମାନ ମଣ୍ଡପ ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧାତ୍ମିକ ସନ୍ଥ ଅବଧୁତ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଆଭିମୁଖ୍ୟ ଓ ମାନବ ଜୀବନରେ ଏହି ଦିନର ମହତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡକ୍ଟର ରମାକାନ୍ତ ବେହେରା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ ଭାରତୀୟ ସଂସ୍କୃତିରେ ମହାବିଷ୍ଣୁବ ସଂକ୍ରାନ୍ତି ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିନଠାରୁ ବ୍ରହ୍ମାଣ୍ଡର ସୃଷ୍ଟିକର୍ତା ବ୍ରହ୍ମାଙ୍କ କାଳ ଗଣନା ଆରମ୍ଭ ହୋଇଥିବା ବେଳେ ଏହି ଦିନଠାରୁ କଳି ଯୁଗାଦ୍ଧ ହିସାବ ଶୁଭାରମ୍ଭ ହୋଇଥାଏ ବୋଲି ସେ କହିଥିଲେ । ବିଶ୍ୱହିନ୍ଦୁ ପରିଷଦର ନଗର ସଭାପତି ଆଲୋକ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜୟ ମହାପାତ୍ର ମଂଚ ପରିଚାଳନା କରିଥିଲେ।

## ନିଶ୍ଚିନ୍ତକୋଇଲିରେ 'ଭୂମି ସୁପୋଷଣ ଓ ସଂରକ୍ଷଣ' କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି (ପିଏନ୍): ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ଗ୍ରାମପଂଚାୟତ ମେହେନ୍ଦିପୁର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଙ୍ଘ ତରଫରୁ ପ୍ରକୃତି ପୂଜନ ଓ କୃଷକ ସଚେତନତା କାର୍ଯ୍ୟକ୍ରମ ସହିତ "ଭୂମି ସୁପୋଷଣ ଓ ସଂରକ୍ଷଣ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଖଣ୍ଡ ଗ୍ରାମବିକାଶ ପ୍ରମୁଖ ପ୍ରଦିପ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଷ୍ଟ୍ରୀୟ ସ୍ୱଂୟସେବକ ସଙ୍ଘ କଟକ ବିଭାଗର ସହବିଭାଗ ସଙ୍ଘଚାଳକ ଡ. ଗୌତମ ମହାରଣା ଯୋଗଦେଇ ସମ୍ପ୍ରତି କୃଷିକ୍ଷେତ୍ରରେ ରାସାୟନିକ ସାର, କୀଟନାଶକ ଔଷଧ ଓ ହରମୋନ ବ୍ୟବହାର ଫଳରେ ମୃତିକା ନଷ୍ଟ ହେବା ସହ ଉପାର୍ଜିତ ଖାଦ୍ୟ ଶସ୍ୟ ବିଷାକ୍ତ ହେଉଥିବାରୁ ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଙ୍ଘ କଟକ ଜିଲ୍ଲାର ସହ କାର୍ଯ୍ୟବାହ ଲଳିତ ମୋହନ ପ୍ରଧାନ, ନିଶ୍ଚିନ୍ତକୋଇଲି ଖଣ୍ଡ ବ୍ୟବସ୍ଥା ପ୍ରମୁଖ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋପୂଜା, ବୃକ୍ଷପୂଜା, ମୃତିକା ପୂଜା କରାଯାଇଥିଲା। ଅଯୋଧ୍ୟାରୁ ଆସିଥିବା ପବିତ୍ର ମୃତିକାକୁ ସମସ୍ତ ଜନ ସାଧାରଣଙ୍କ କ୍ଷେତରେ ପକାଇବା ପାଇଁ ବଂଟନ କରାଯାଇଥିଲା।

## 'ଆହ୍ୱାନ' ପକ୍ଷରୁ ପଣାସଂକ୍ରାନ୍ତି ଅବସରରେ ଜଳଛତ୍ର କାର୍ଯ୍ୟକ୍ରମ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣି ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ପଣା ସଂକ୍ରାନ୍ତି ଦିବସରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆହ୍ୱାନ ସଭ୍ୟମାନଙ୍କ ଦ୍ୱାରା ଜଳଛତ୍ର କାର୍ଯ୍ୟକ୍ରମ ଗୋଖନା ବଜାର ଛକରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଫିତା କାଟି ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ସମୟରେ ମହା ବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଏକ ଆଲୋଚନାଚକ୍ର ସମାଜସେବୀ ପାଣ୍ଡବ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅଧ୍ୟାପକ ଅଶିତ୍ କୁମାର ମହାନ୍ତି ଯୋଗଦେଇ ଏହା ଓଡ଼ିଆମାନଙ୍କର ନୂତନ ବର୍ଷ ତଥା ହନୁମାନ ଜୟନ୍ତୀ ଏହି ଦିନଟି ଓଡ଼ିଆମାନଙ୍କର ଗର୍ବ ଓ ଗୌରବର ଦିନ ବୋଲି ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଅନୁଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ପୁରସ୍କାର ଦେବା ସମୟରେ ଉପସ୍ଥିତ ନଥିବାରୁ ଭଦ୍ରକର ଚରିଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କର ଉକ୍ତ ଦିନରେ ପ୍ରଦାନ କରାଯାଇଥିଲା ଓ ଦୁଇଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ। ଦିଲ୍ଲୀପ କୁମାର ଦାସ, ଶ୍ରୀକାନ୍ତ ଜେନା, ତିଲୋତମା ଜେନା, ରୀତା ରାଉତ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର, ନଟବର ଜେନା, ବବିତା ମିଶ୍ର, ଜିତେନ୍ଦ୍ର ବେହେରା, ଜୟଦେବ ରାଉତ, ରାଜେଶ୍ୱର ସ୍ୱାଇଁ, ଗୋପାଳ ଚରଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସମାପନ ପରେ ସଭ୍ୟମାନ ପଣା ସେବନ କରିଥିଲେ। ସର୍ବଶେଷରେ ଅକ୍ଷୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଚର ଜମିରେ ଅଙ୍ଗନଓ୍ୱାଡି ଗୃହ ନିର୍ମାଣ ବିରୋଧରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ଗୋଚର ଜମିରେ ଶ୍ମଶାନ ନିକଟରେ ଅଙ୍ଗନଓ୍ୱାଡି ଗୃହ ନିର୍ମାଣ ହେଉଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ଡେରାବିଶି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମପଞ୍ଚାୟତର ବେଲରପା ଗ୍ରାମର ଅଧିବାସୀମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମର ଜନସଂଖ୍ୟା ୧୫ଶହ ହୋଇଥିବା ବେଳେ ଗ୍ରାମର ଅଧିବାସୀମାନେ ମୁଖ୍ୟତଃ ଚାଷ ଓ ଗୋପାଳନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । ସେହି ଗ୍ରାମରେ ଆବଶ୍ୟକତା ଠାରୁ କମ ଗୋଚରଜମି ରହିଛି। ସେହିଜମି ଗୋରୁଙ୍କ ଚାରଣ ଭୂମି ଓ ମୃତକଙ୍କ ଶବଦାହ ପାଇଁ ବ୍ୟବହୃତ ହେଉଛି । ଗ୍ରାମର ବିଦ୍ୟାଳୟ ନିକଟରେ ଅଙ୍ଗନଓ୍ୱାଡି ଗୃହ ନିର୍ମାଣ ପାଇଁ ଜମି ଥିଲେ ମଧ ସେଠାରେ ଅଙ୍ଗନଓ୍ୱାଡି ଗୃହ ନିର୍ମାଣ କରାନଯାଇ ଗୋଚର ଜମିରେ କରିବା ପାଇଁ କେତେକ ଖଳ ପ୍ରକୃତିର ଲୋକ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ହୋଇଛି । ସେହି ଶ୍ମସାନରେ ବିଷଧର ସର୍ପଙ୍କ ସମେତ ବହୁ ହିଂସ୍ରଯନ୍ତୁ ରହୁଥିବାରୁ ସେଠାରେ ଅଙ୍ଗନଓ୍ୱାଡି ଗୃହ ନିର୍ମାଣ ହେଲେ ଏହା ଭବିଷ୍ୟତରେ ଛୋଟ ଛୋଟ ପିଲାମାନଙ୍କ ଜୀବନ ପାଇଁ ବିପଦର କାରଣ ହେବ । ତେଣୁ ସେହି ଗୋଚର ଜମିରେ ଅଙ୍ଗନଓ୍ୱାଡି ଗୃହ ନିର୍ମାଣ କରାନଯାଇ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମାନସ ରାଉତ, ନଳିନୀକାନ୍ତ ସିଂ, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ଚିତ୍ରସେନ ରାଉତ, ବନ୍ଦନା ସାମଲ, ଦିବ୍ୟଲୋଚନ ମିଶ୍ର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି

## କେନ୍ଦ୍ରାପଡାରେ ମାସ୍କ ଚେକିଂ କଡାକଡି, ଅମାନିଆଙ୍କୁ ଜୋରିମାନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ଟାଉନ ଥାନା ପୋଲିସର ମିଳିତ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହିତ ଜନସାଧାରଣଙ୍କୁ କୋଭିଡ ସମ୍ପର୍କରେ ସଚେତନତା କରାଯିବା ସହ ମାସ୍କ ବଣ୍ଟନ କରାଯାଇଛି । ଏଥିସହିତ ଅମାନିଆଙ୍କ ଠାରୁ ଜୋରିମାନା ମଧ ଆଦାୟ ହୋଇଛି । କୋଭିଡ ସଂକ୍ରମଣର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସଂକ୍ରମଣ ରୋକିବାକୁ ୧୪ଦିନିଆ ମାସ୍କ ଅଭିଯାନ ଚଳାଇବାକୁ ଆହ୍ୱାନ ଦେଇଥିବା ବେଳେ ମାସ୍କ ନପିନ୍ଧିଲେ ଦୁଇଗୁଣା ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।। କେନ୍ଦ୍ରାପଡା ସହରର ପୁରୁଣାବସଷ୍ଟାଣ୍ଡ, ସାନ୍ତସାହି, ନୂଆବସଷ୍ଟାଣ୍ଡ, ମଡିଆଳ, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହ ମାସ୍କ ପିନ୍ଧି ନଥିବା ଅମାନିଆମାନଙ୍କ ଠାରୁ ୨ହଜାର ଟଙ୍କା ଲେଖାଁଏ ଜୋରିମାନା ଆଦାୟ କରାଯାଇଛି । ଏହି ମାସ୍କ ଚେକିଂ, ସଚେତନତା ଓ ମାସ୍କ ବଣ୍ଟନ ସମୟରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସୌମ୍ୟରଞ୍ଜନ ଜାଲି,ଟାଉନ ସର୍କଲ ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡା, ଉପଜିଲ୍ଲାପାଳଙ୍କ ଷ୍ଟାଫ ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଟାଉନ ଥାନା ପୋଲିସ ପକ୍ଷରୁ ମାସ୍କ ପିନ୍ଧି ନଥିବା ଅମାନିଆଙ୍କ ଠାରୁ ୨୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ୨୦ହଜାର ୭ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

## ପଛୁଆବର୍ଗଙ୍କ ସାମାଜିକ ଶିକ୍ଷାଗତ ସ୍ଥିତି ସର୍ଭେ ପାଇଁ ତାଲିମ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ପଛୁଆବର୍ଗ ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ପଛୁଆବର୍ଗ କମିଶନ ଆସନ୍ତା ମଇମାସ ୧ତାରିଖରୁ ୨୫ତାରିଖ ମଧ୍ୟରେ ରାଜ୍ୟରେ ବାସ କରୁଥିବା ପଛୁଆବର୍ଗର ଲୋକମାନଙ୍କ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁଯାଇ ରାଜ୍ୟ ସ୍ତରରୁ ତାଲିମ ନେଇ ଆସିଥିବା ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ଶିବିରକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଉଦଘାଟନ କରି ନିର୍ଭୁଲ ସର୍ଭେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ମନ୍ଦରଧର ମାହାଳିକ ପ୍ରମୁଖ ଯୋଗଦେଇ ସର୍ଭେର ଲକ୍ଷ୍ୟ, କାର୍ଯ୍ୟକାରିତା ପ୍ରଭୃତି ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଜିଲ୍ଲାର ମୁଖ୍ୟ ତାଲିମ ପ୍ରଦାମନକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସହ ଅନ୍ୟତମ ପ୍ରଶିକ୍ଷକ କେନ୍ଦ୍ରାପଡା ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା ପ୍ରଶିକ୍ଷ୍ୟାର୍ଥିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ମଇମାସ ୨୦ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ୨୮ ତାରିଖ ମଧ୍ୟରେ ୨ୟ ପର୍ଯ୍ୟାୟ ଏନୁମରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି । ଏହି ତାଲିମ ଶିବିରରେ ବିଡିଓ, ଏବିଡିଓ, ତହସିଲଦାର ଓ ସିଡିପିଓମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଂଚାୟତର ଦେପୁର ଗ୍ରାମରେ ଅନୁଷ୍ଠିତ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ମହିଳାମାନଙ୍କ ଦ୍ୱାରା ଗୋବରୀ ନଦୀର ବରୁଣାଇ ଘାଟରୁ ୧୦୮ କଳସ ଶୋଭାଯାତ୍ରା ସହିତ ସୂର୍ଯ୍ୟପୂଜା ନୂତନ ବିଗ୍ରହ ସ୍ଥାପନ, ହୋମଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସୁଦନ ରାଉତ, ସରୋଜକାନ୍ତ ବେହେରା, ହେମନ୍ତ ବେହେରା, ନକୁଳ ରାଉତ, ପ୍ରଫୁଲ ବେହେରା, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସଂପଦ କୁମାର ସାମଲ, ପୁର୍ଣ୍ଣଚନ୍ଦ୍ର ପତି, ଦିବାକର ପ୍ରଧାନ, ନିହାର ରଞ୍ଜନ ପ୍ରଧାନ, ବସନ୍ତ କୁମାର ରାଉତ ପ୍ରମୁଖଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇ ହନୁମାନଙ୍କର ଆଶିର୍ବାଦ ଲାଭ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା ।

## ଅଜିତଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ବନ୍ଧମୁଣ୍ଡା ୧୦ ନମ୍ବର ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଅଜିତ ଶାହା (ଜିଲା)ଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏକ ଶୋକବାର୍ତ୍ତାରେ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀ କହିଛନ୍ତି ଯେ, ସ୍ୱର୍ଗତ ଅଜିତ ଶାହା କଂଗ୍ରେସ ଦଳରେ ଦୀର୍ଘବର୍ଷ ଧରି ନିଷ୍ଠାର ସହିତ କାମ କରି ଦଳ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବନ୍ଧମୁଣ୍ଡା ଅଞ୍ଚଳରେ ସାଧାରଣ ଲୋକଙ୍କ ସୁଖଦୁଃଖରେ ସର୍ବଦା ସାମିଲ୍ ହୋଇ ସବୁଶ୍ରେଣୀର ଲୋକମାନଙ୍କର ବେଶ୍ ପ୍ରିୟ ହୋଇ ପାରିଥିଲେ। ତାଙ୍କର ଅକାଳ ବିୟୋଗ ବନ୍ଧମୁଣ୍ଡା ଅଞ୍ଚଳ ସମେତ କଂଗ୍ରେସ ପରିବାର ପାଇଁ ଏକ ବିଶେଷ କ୍ଷତି ବୋଲି ଶ୍ରୀ ତିର୍କୀ ଉଲ୍ଲେଖ କରି ଏହି ଅସମୟରେ ଈଶ୍ୱର ତାଙ୍କ ପରିବାରକୁ ସହାୟ ହେବାକୁ ପ୍ରାର୍ଥନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ପ୍ରଭାତୀ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସବୀର ହୁସେନ, ଗଣେଶ ପ୍ରଧାନ, ସୁଦନ ତନ୍ତୀ, ବନ୍ଧମୁଣ୍ଡା ବ୍ଲକ୍ କଂଗ୍ରେସ ସଭାପତି ରାଜେନ୍ଦ୍ର ରଜାକ, ବନ୍ଧମୁଣ୍ଡା କଂଗ୍ରେସ ନେତା ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା, ଶଙ୍କର ଅଗ୍ରୱାଲ, ନରେନ୍ଦ୍ର ବର୍ମା, ଶୋଭା ସିଂହ, ଗୀତା ସାହୁ, ବିର୍‌ସା ମୁଣ୍ଡା, ପୀତାମ୍ବର ପଣ୍ଡା, କୁନା ମିଶ୍ର, ଫିଲିସିତା ଚାରୁଆ, ମହେଶ୍ୱର ତନ୍ତୀ, କୁଅଁରସିଂହ ପିୟୁ, ବାବୁ ମଲ୍ଲିକ, ଅନୀଲ ପାତ୍ର, ଏମ୍‌ଡି ଇରଫାନ, ଏଚ୍.ଆର୍. ପାଣି, ସରଦେଶ ସିଂହ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କୃଷକ କଂଗ୍ରେସର ଜିଲ୍ଲା ଅଧ୍ୟକ୍ଷ ଚକ୍ରଧର ମାହାତୋ, କୃଷକ କଂଗ୍ରେସ ରାଉରକେଲା ଅଧ୍ୟକ୍ଷ ମନମୋହନ ଓରାମ, ମହିଳା ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଲିଗାଲ ସେଲ ଅଧ୍ୟକ୍ଷ ତଥା ଆଇନ୍‌ଜୀବୀ ବିସ୍ମୟ ଦାସ, ଏସ୍‌ଟି ସେଲ୍ ଅଧ୍ୟକ୍ଷ ରାଜେଶ ଟପ୍ପୋ ପ୍ରମୁଖ ସ୍ୱର୍ଗତ ଶାହାଙ୍କ ବିୟୋଗରେ ଶୋକ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF:
10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନନ୍ଦପୁରରେ ବ୍ୟାପକ କ୍ଷୟକ୍ଷତି, ଭାଙ୍ଗିଲା ଶହ ଶହ ଗଛ ଏବଂ ଘର







ଆନନ୍ଦପୁର: ସାମୁଦ୍ରିକ ଝଡ 'ୟାସ୍' ର ପ୍ରଭାବରେ ଆନନ୍ଦପୁର ଉପଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହାର ପ୍ରଭାବରେ ଗତକାଲି ସକାଳୁ ସକାଳୁ ପବନର ବେଗ ବଢିବା ସହ ପ୍ରବଳ ବର୍ଷା ହୋଇଥିଲା । ଲୋକେ ଘରୁ ବାହାରିପାରି ନଥିଲେ । ଘଷିପୁରା, ଆନନ୍ଦପୁର ବ୍ଲକ ଓ ପୌରାଞ୍ଚଳରେ ୧୦୦ରୁ ଅଧିକ ସ୍ଥାନରେ ଗଛ ଭାଙ୍ଗି ପଡିଛି । କେତେକ ସ୍ଥାନରେ ବିଦ୍ୟୁତ୍ ତାର ଉପରେ ଗଛ ଡାଳ ଝୁଲି ରହିଛି । ଘଷିପୁରା ମେଡିକାଲ ରୋଡ୍, ଚକ୍ଷୁ ବିଭାଗ ସମ୍ମୁଖ, କେଶଦୁରାପାଳ, ଆନନ୍ଦପୁର ବ୍ରିଜ୍ ଛକ ରିଙ୍ଗ୍‌ରୋଡ, ତରତରା, ଶାଳବଣି ଡାକ୍ତରଖାନା, ପଦ୍ମପୁର, ବନିକା ରୋଡ, ପଦ୍ମପୁର, ନୂଆଗାଁ, ଟାଙ୍ଗର ଠାରେ ରାସ୍ତା ଉପରେ ଗଛ ପଡିଥିଲା । ଏହାକୁ ଅଗ୍ନିଶମ ବାହିନୀ କାଟି ସଫା କରିଥିଲେ । ଓଡ୍ରାଫ୍ ଏବଂ ଏନ୍‌ଆରଏଫ୍ ଟିମ୍ ଗ୍ରାମାଞ୍ଚଳରେ ଭାଙ୍ଗି ପଡିଥିବା ଗଛ ଗୁଡିକୁ ସଫା କରିଛନ୍ତି । ବାତ୍ୟା ଯୋଗୁଁ ଗତକାଲି ଠାରୁ ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣରେ ବାଧାପ୍ରାପ୍ତ ହୋଇଛି । ଏହାର ପ୍ରଭାବରେ ବହୁତ କ୍ଷୟକ୍ଷତି ହୋଇଥିବା ବେଳେ ବଜ୍ରପାତରେ ଆନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ପଂଚାୟତ ପୁରୁଣିଆଁ ଗ୍ରାମର ୭ବଡକୃଷ୍ଣ ବଳଙ୍କ ଦୁଇମହଲା ଛାତ ଘର ଭାଙ୍ଗି ଯାଇଛି । ଛାତ ଉପରେ କରାଯାଇଥିବା ଅଶୋକସ୍ତମ୍ଭଟି ଭାଙ୍ଗି ତଳେ ପଡିଯାଇଥିଲା । ଏଥି ସହିତ ଘରର କାନ୍ଥ ଫଟେଇବା ସହ ଇଲେକ୍ଟ୍ରି ବୋଡ୍ ଫଟେଇ ଦେଇଛି । ଭଗବାନଙ୍କ କୃପାରୁ ସେହି ଘରେ ରହୁଥିବା ପରିବାର ଲୋକେ ଅଳ୍ପକେ ବଞ୍ଚି ଯାଇଛନ୍ତି । ଖବର ପାଇ ଘଷିପୁରା ଅଗ୍ନିଶମ ବିଭାଗ ପହଂଚି ଲୋକମାନଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି ଏବଂ ସେହିପରି ବେଲବାହାଲି ଗ୍ରାମ କିମିରା ସାହିର ୭ଶତ୍ରୁଘନ ସାହୁଙ୍କ ପୁଅ କ୍ଷେମାକର ସାହୁଙ୍କ ଘର ଉପରେ କଇଁଆ ଗଛଟି ପଡିଯିବା ଫଳରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି । ଘଷିପୁରା ଅଗ୍ନିଶମ ଅଧିକାରୀ ଓମ୍‌ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଂଚି ଘର ଉପରେ ପଡିଥିବା ଗଛକୁ କାଟି ଉଦ୍ଧାର କରିଥିଲେ । କ୍ଷେମାକର ଜଣେ ଦିନ ମଜୁରିଆ ଗରିବ ବ୍ୟକ୍ତି, ସେ ପରର ମଜୁରି କରି ପରିବାର ଚଳାନ୍ତି । ସେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ ସରକାରଙ୍କ ସହାୟତାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରି ନାହିଁ । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ କ୍ଷମାକରଙ୍କୁ ସରକାରୀ ସହାୟତା ମିଳିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## କେନ୍ଦ୍ରମନ୍ତ୍ରୀଙ୍କ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ବାଲେଶ୍ୱର:ଯାଶ ବାତ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ ଓ ତ୍ରାଣ ସାମଗ୍ରୀ ବଣ୍ଟନ କରିବା ପାଇଁ ବାଲେଶ୍ୱରର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଦର ବ୍ଲକ ଓ ବାଳିଆପାଳ ବ୍ଲକର ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଆକଳନ କରିବା ସହିତ ଲୋକଙ୍କ କ୍ଷୟକ୍ଷତି ସମ୍ପର୍କରେ ଅଲୋଚନା କରିଛନ୍ତି। ତଦ୍ ସହିତ ବିପନ୍ନ ପରିବାରଙ୍କୁ ବିସ୍କୁଟ, ଶୁଖିଲା ଖାଦ୍ୟ, ମାସ୍କ, ସାବୁନ, ସାନିଟାଇଜର ଓ କମ୍ବଳ ଚାଦର ବଣ୍ଟନ କରିଛନ୍ତି। ଆଗାମୀ ତିନି ଦିନ ମଧ୍ୟରେ ଜିଲ୍ଲାର ୫୦ ହଜାର ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯିବ ବୋଲି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି। ସଦର ବ୍ଲକର ବଇଁଚା, ସିନ୍ଧିଆ, ଗୋପିନାଥପୁର, ପରିଖି, ପଞ୍ଚୁପଡ଼ା ଓ ବାଲିଆପାଳ ବ୍ଲକର ନୂଆଗାଁ, ବିଷ୍ଣୁପୁର, ଡ଼ଗରା, ଚୌମୁଖ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ପ୍ରଶାସନିକ କାର୍ଯ୍ୟର ସମୀକ୍ଷା କରି ତ୍ରାଣ ସାମଗ୍ରୀ ବଣ୍ଟନ କରିଛନ୍ତି। ବାତ୍ୟା ପରବର୍ତ୍ତୀ ପୂନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଫୋନ ଯୋଗେ ଆଲୋଚନା କରିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ କୋଭିଡ଼ ନୀୟମାବଳୀକୁ ଗୁରୁତ୍ୱ ଦିଆଯାଇନଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏହି ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ଯାତ୍ରା କରିଥିଲେ।

# ପାଂଚ ବର୍ଷ ଧରି ଝୁଲି ରହିଛି : ୧୭କିମି ବଡବିଲ-ବାଂଶପାଣି ସଂଯୋଗୀକରଣ ରେଳପଥ




ବଡବିଲ : ଓଡିଶା ରେଳ ଭିତିଭୂମୀ ବିକାଶ ନିଗମ (ଓରିଡିଲ) ରେ ଅର୍ନ୍ତଭୂକ୍ତ କରାଯାଇଥିବା ୬ ଗୋଟି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ପ୍ରକଳ୍ପ ଭିତରେ ରହିଛି ଲୌହଖଣି ଅଂଚଳରେ ଥିବା ଦୁଇ ଯମଜ ସହର ବଡବିଲ ଓ ବାଂଶପାଣି (ଜୋଡା) ମଧ୍ୟରେ ୧୭କିମିର ରେଳ ସଂଯୋଗୀ କରଣ ପ୍ରକଳ୍ପ । ତେବେ ଏଥରକ ବଜେଟରେ ଏହାକିପରି କାର୍ଯ୍ୟକାରୀ କରାଯିବ ତାହାପାଂଇ କୌଣସି ପ୍ରାବଧାନ କରାଯିବ କି ନଯିବ ତାହା ସମଗ୍ର ଖଣି ଅଂଚଳବାସୀ ଚାତକ ପରି ଅନାଇ ବସିଛନ୍ତି । ନୂତନ ଭାବେ ବଡବିଲ ଠାରୁ କିରିବୁରୁ ପର୍ଯ୍ୟନ୍ତ ୨୪.୫ କିମିର ୭୦୫.୧୫ କୋଟି ଟଙ୍କାର ପ୍ରକଳ୍ପ ଗତ ଥରକ ବଜେଟରେ ସାମିଲ କରାଯାଇଥିଲେ ମଧ୍ୟ ଏହା ଏ ଅଂଚଳର ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରିପାରି ନାହିଁ । ଯମଜ ସହରର ବଡବିଲ ଷ୍ଟେସନ ଦ.ପୂ. ରେଳବାଇ ଅଧିନରେ ରହିଥିବା ବେଳେ ବାଂଶପାଣି (ଜୋଡା) ଷ୍ଟେସନ ରହିଛି ପୂର୍ବ ତଟ ରେଳବାଇ ଅଧିନରେ । ସିଧାସଳଖ ରେଳ ସଂଯୋଗ ନଥିବାରୁ ମାତ୍ର ୧୭ କିମି ରାସ୍ତାକୁ ଅଧିକ ୭୦ କିମି ର ବୁଲାଣି ରାସ୍ତା ଦେଇ ଉତର ଓଡିଶାର ଏହି ଦୁଇ ରେଳ ଷ୍ଟେସନ ମଧ୍ୟରେ ଯିବା ଆସିବା ପାଂଇ ପୁରୀରୁ ଆସୁଥିବା ଇଂଟରସିଟି ଏକ୍ସପ୍ରେସକୁ ପ୍ରାୟ ୫ଘଂଟା ଅଧିକ ସମୟ ଲାଗୁଛି । ପ୍ରଥମତ ଓଡିଶାର ସମଗ୍ର ଅଂଚଳ ପୂର୍ବତଟ ରେଳବାଇ ଅଧିନରେ ଥିବାବେଳେ ସର୍ବାଧିକ କାର୍ଗୋ ରାଜସ୍ୱ ଦେଉଥିବା ବଡବିଲ ଷ୍ଟେସନ ଅଂଚଳକୁ ଆର୍ଶ୍ଚର୍ଯ୍ୟ ଜନକ ଭାବେ ଓଡିଶାର ମୂଖ୍ୟ ରେଳ ନେଟଓର୍ଗ୍ୱାକ ଠାରୁ ଅଲଗା କରି ରଖିବା ଆଦୌ ଉଚିତ ନୁହେଁ ବୋଲି ବଡବିଲ ବିକାଶ ପରିଷଦ ଆବାହକ ଇନ୍ଦ୍ରମଣୀ ବେହେରା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ରେଳ ଭିତିଭୂମୀ ର ବିକାଶପାଂଇ ଖଣିବ୍ୟବସାୟର ପେଂଠସ୍ଥଳୀ ବଡବିଲ ସହିତ ରାଜ୍ୟର ରାଜଧାନୀ ତଥା ସଂସ୍କୃତି ଗଡ ଗୁଡିକ ସହିତ ସିଧାସଳଖ ରେଳ ସଂଯୋଗ ପାଂଇ ବଡବିଲ-ବାଂଶପାଣି ରେଳ ପ୍ରକଳ୍ପକୁ ଓଡିଶା ରେଳ ଭିତିଭୂମୀ ବିକାଶ ନିଗମ (ଓରିଡିଲ) ରେ ଅର୍ନ୍ତଭୂକ୍ତ କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାପାଂଇ ଏକ ଏସିଭିପି ଗଠନ କରି ପାରି ନାହାନ୍ତି । ବଡବିଲ ବିକାଶ ପରିଷଦ ପକ୍ଷରୁ ୨୦୧୬-୧୭ ରେଲପିଙ୍କ ବୁକରେ ଅର୍ନ୍ତଭୂକ୍ତ ଥିବା ଏହି ପ୍ରକଳ୍ପ ପାଂଇ ଦାବୀପତ୍ର ମାନ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ପ୍ରଦାନ କରାଯାଇ ଆସୁଅଛି । ଭାରତବର୍ଷର ବିକାଶ ପାଂଇ ବଡବିଲ-ଜୋଡା ଖଣି ମଣ୍ଡଳ କୋଟି କୋଟି ଟଙ୍କାର ବିଭିନ୍ନ ପ୍ରକାରର ରାଜସ୍ୱ କେନ୍ଦ୍ର ଏବଂ ରାଜ୍ୟ ରାଜକୋଷ କୁ ପ୍ରଦାନ କରି ଚାଲିଥିଲାବେଳେ ଖଣିଖନନ ଏବଂ ଶିଳ୍ପାନୁଷ୍ଠାନ ର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ଏ ଅଂଚଳର ଲୋକଙ୍କର ଢାଂଚାଗତ ରେଳବାଇ ମୌଳିକ ସୁବିଧା ସୁଯୋଗ ପାଇଂ କାଣିଚାଁଏ ବି ଖର୍ଚ୍ଚ କରା ନଯିବା ସଦାସର୍ବଦା ଅଂଚଳବାସୀ ଙ୍କ ପାଂଇ ବିଡମ୍ବନାର ବିଷୟ ରହିଆସିଛି । ଏଠାରେ ସୂଚନା ଯୋଗ୍ୟଯେ ଇଂଗ୍ରେଜ ମାନେ ସେକାଳରେ ଝାଡଖଣ୍ଡର ବଡଜାମଦାଠାରୁ ବଡବିଲଦେଇ ବାଂଶପାଣି ପର୍ଯ୍ୟନ୍ତ ନ୍ୟାରୋ-ଗଜର ରେଲଲାଇନ ବିଛାଇ ଲୁହା,ମାଙ୍ଗାନିଜ ଆଦି ଖଣିଜ ଦ୍ରବ୍ୟ ପରିବହନ କରୁଥିଲେ । ମାତ୍ର ସେହି ୧୭ କିମିର ଲାଇନକୁ ଏବେକାର ସରକାର ସବୁ ବିଛାଇପାରୁ ନାହାନ୍ତି । ବିଶ୍ୱସ୍ତ ସୁତ୍ରରୁ ଜଣାପଡିଛିଯେ ବଡବିଲ-ବାଂଶପାଣି ରେଳ ସଂଯୋଗକୁ କାର୍ଯ୍ୟକାରୀ କରିବାର ନୋଡାଲ ଏଜେନ୍ସି ହେଉଛି ଆମର ପୂର୍ବତଟ ରେଳ ,ଯାହାର ମୂଖ୍ୟ କାର୍ଯ୍ୟାଳୟ ଭୂବନେଶ୍ୱର , ତେଣୁ ଓଡିଶା ସରକାର ମଧ୍ୟ ଏହାକୁ ଏକ ଖଣି-ଅର୍ଥନୈତିକ କ୍ରିଟିକାଲ ପ୍ରୋଜେକ୍ଟ ଭାବେ ଓଡିଶା ରେଳ ଭିତିଭୂମୀ ବିକାଶ ନିଗମ (ଓରିଡିଲ) ରେ ଅର୍ନ୍ତଭୂକ୍ତ କରିଛନ୍ତି । କିନ୍ତୁ ନିଜ ଆଡୁ ଆଗଭର ଏବଂ ଆଗ୍ରହ ପ୍ରକାଶ କରି ସମସ୍ତ ବାଧାବିଘ୍ନକୁ ଦୂର କରିବାକୁ କାହିଁକି ହେଳା କରୁଛନ୍ତି ତାହା ଜୋଡା-ବଡବିଲ ଖଣିବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଆସିଛି । ବଡବିଲ-ଜୋଡାକୁ ଦୈତ୍ୟ ମଡେଲ ସହର ରୂପେ ବିକାଶ କରିବାକୁ ଯୋଜନା କରୁଥିବା ବେଳେ ରାଜ୍ୟ ସରକାର ଏ ଅଂଚଳର ବିକାଶରେ ରେଳବାଇର ବିକାଶକୁ ମଧ୍ୟ ସାମିଲ କରିବା ଦରକାର । ଏଥିପାଂଇ ଦକ୍ଷିଣ-ପୂର୍ବ ରେଳ ଅଧିନରୁ ଏ ଅଂଚଳଟିକୁ ପୂର୍ବତଟ ରେଳ ଅଧିନକୁ ଆଣିବା ନିହାତି ଅପରିହାର୍ଯ୍ୟ ହୋଇପଡିଛି । ବଡବିଲ-ବାଂଶପାଣି ରେଳ ସଂଯୋଗ ହେଲେ ଏହି ଆଦିବାସୀ ବହୁଳ ଖଣି ଅଂଚଳର ଦୃତ ଆର୍ଥିକ ବିକାଶ ହୋଇ ପାରିବା ସଂଗେ ସଂଗେ ମୂଖ୍ୟ ଲାଇନରେ ଥିବା ଟାଟା,ରାଉଲକେଲା ଏବଂ ଭୁବନେଶ୍ୱର ଆଦି ମୁଖ୍ୟ ସହର ଗୁଡିକ ସହିତ ସିଧା ସଳଖ ସଂଯୋଗ ହୋଇ ଯୋଗାଯୋଗ ଦୁରତ୍ୱ କମିଯିବ । ମୋଟ ଉପରେ ପାରାଦ୍ୱୀପ,ଧାମରା ଆଦି ବନ୍ଦର, କଳିଙ୍ଗ ନଗର ଶିଳ୍ପାଂଚଳ ଏବଂ ରାଜ୍ୟ ରାଜଧାନୀ ସଙ୍ଗେ ସହିତ ସିଧାସଳଖ ଖଣିଅଂଚଳର ସଂଯୋଗ ହୋଇପାରିବ । ଏହି ଅଂଚଳର ଅଧିକାଂଶ ଖଣିସବୁ ନିଜସ୍ୱ ରେଳସାଇଡିଂ ବିକାଶ କରିପାରିବେ ତଦଦ୍ୱାରା ସଡକ ପଥ ଉପରେ ପଡୁଥିବା ଟ୍ରାଫିକ ସମସ୍ୟା କମିବାସହ ସେଥିରୁ ନିର୍ଗତ ଧୂଳି,ଧୂଆଁ -ପ୍ରଦ୍ୟୂଷଣର ହାର ବହୁ ମାତ୍ରାରେ କମି ପାରିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଥିବାର ଜଣା ପଡିଛି । ଏହି ଆଦିବାସୀ ବହୁଳ ଚିର ଅବହେଳିତ ଖଣି ଅଂଚଳ ରେ ସାମାନ୍ୟତମ ରେଳ ପାସେଞ୍ଜର ସେବାର ଉନ୍ନତି ପାଇଁ କୌଣସି ସ୍ପୃହା ଦେଖାଉ ନଥିବାରୁ ବଲାଣି ବିକାଶ ପରିଷଦ, ବଡବିଲ ବିକାଶ ପରିଷଦ,ଯୋଡା ବିକାଶ ପରିଷଦ,ଏବଂ ଚାଂଇବସା ବାଣିଜ୍ୟ ଚାମ୍ବର ପକ୍ଷରୁ ବାରମ୍ବାର ଦାବିପତ୍ର,ଧାରଣା ଏବଂ ରେଳ ରୋକ ବିଭିନ୍ନ ସମୟରେ କରିଆସିଛନ୍ତି । ବଲାଣି ପର୍ଯ୍ୟନ୍ତ ଟାଟା-ବଡବିଲ ପାସେଞ୍ଜରକୁ ସମ୍ପ୍ରସାରଣ , ବଡବିଲ ଷ୍ଟେସନରେ ଏକ ଓ୍ୱାସିଙ୍ଗଲାଇନର ବ୍ୟବସ୍ଥା ,ଦିଲ୍ଲୀ ଏବଂ ଭୁବନେଶ୍ୱର ସହ ସିଧା ସଳଖ ରେଳ ସଂଯୋଗ.,ଟାଟାନଗର ଷ୍ଟେସନରେ ଶେଷ ରହଣି କରୁଥିବା କିଛି ଟ୍ରେନ୍ ସବୁକୁ ବଡବିଲ ପର୍ଯ୍ୟନ୍ତ ବିସ୍ତାର କରିବା ଆଦି ଦାବୀ ସହ ୧୭କିମି ବିଶିଷ୍ଟ ବାଂଶପାଣି- ବଡବିଲ ରେଳ ସଂଯୋଗୀକରଣ ପାଂଇ ପଦକ୍ଷେପ ନିଆ ଗଲେ ରେଳବାଇ ତଥା ଉଭୟ ସରକାରଙ୍କ ରାଜସ୍ୱ ରେ ଅନେକ ଉନ୍ନତି ହୋଇ ପାରିବ ବୋଲି ବଡବିଲ ଜନସାଧାରଣରେ ମତ ପ୍ରକାଶ ପାଇଛି ।

## ଶ୍ରାଦ୍ଧ ଦିବସରେ ପଣ୍ଡିତ ନେହେରୁଙ୍କ ପ୍ରତି କଂଗ୍ରେସର ଶ୍ରଦ୍ଧାଳି

ରାଉରକେଲା: ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ନବଭାରତର ନିର୍ମାତା ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ତାଙ୍କ ପୂଣ୍ୟତିଥିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶ୍ରଦ୍ଧାଳି ଅର୍ପଣ କରାଯାଇଛି । ଆଜି ତା- ୨୭.୫.୨୧ ରିଖରେ ଜିଲ୍ଲା କଂଗ୍ରେସର ନେତୃବୃନ୍ଦ ସକାଳ ୧୦ଟା ସମୟରେ କୋଏଲନଗର ଠାରେ ସମବେତ ହୋଇ ଉକ୍ତ ସ୍ଥାନରେ ଅବସ୍ଥିତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, ଓବିସି ଅଧକ୍ଷ କୈଳାସ ସାହୁ, ଯୁବକଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, କୋଏଲନଗର ବ୍ଲକ୍ କଂଗ୍ରେସ ସଭାପତି ପ୍ରତାପ ବେହେରା, ୭ ନମ୍ବର ବ୍ଲକ୍ କଂଗ୍ରେସ ସଭାପତି ବିଜୟ କୁମାର ଆପଟ୍ଟ, ବରିଷ୍ଠ କଂଗ୍ରେସ ନେତା ରଜନୀକାନ୍ତ ପାତ୍ର, ଯୁବନେତା ଅନୀଲ ଗୁରୁଙ୍ଗ, ସୁଧୀର ଚୌହାନ, ଶୁକଦେବ ବଡାଇକ, ଛାତ୍ରନେତା ପ୍ରତୀକ ବର୍ମା, ସୁଫିଆନ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ କରିଥିଲେ ।

# ଚାଚା ନେହେରୁ



ଅକ୍ଷୟ କୁମାର ରାଉତ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାଢୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର। ନ୍ତଆନନ୍ଦ ଭବନନ୍ତ ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରଓ୍ୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ ନ୍ତ ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚନ୍ତ ଜବାହର ଉତ୍ର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୁ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା ।ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷରେ ଚରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ। ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚରି ଆଡେ ପ୍ରଚରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୁତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା। ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା। କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାଓ୍ୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

ପାରାଦ୍ୱୀପ ଗଡ଼, କୁଜଙ୍ଗ ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## ସାମୁଦ୍ରିକ ଝଡ 'ୟାସ୍' ପ୍ରଭାବରେ ବୈତରଣୀ ନଦୀରେ ବନ୍ୟା ଆଶଙ୍କା

ଆନନ୍ଦପୁର: ସାମୁଦ୍ରିକ ଝଡ ୟାସ୍ ପ୍ରଭାବରେ ଆନନ୍ଦପୁର ଉପଖଣ୍ଡ ସମେତ କେନ୍ଦୁଝର ଜିଲ୍ଲାର ଅନେକ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ଉପର ମୁଣ୍ଡରେ ୨ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଥିବାରୁ କେନ୍ଦୁଝର ଜିଲ୍ଲାରେ ଏବେ ବନ୍ୟା ପରିସ୍ଥିତି ଦେଖାଦେଇଛି । ଦୁଇଦିନେ ହେବା କେନ୍ଦୁଝରର ସମସ୍ତ ଅଂଚଳରେ ପ୍ରବଳ ବର୍ଷା ହୋଇଥିବାରୁ ବୈତରଣୀ ନଦୀରେ ବହୁମାତ୍ରାରେ ବନ୍ୟା ଜଳ ପ୍ରବାହିତ ହେଉଛି ଫଳରେ ବୈତରଣୀ ନଦୀର ବିପଦ ସଙ୍କେତ ୩୮.୩୬ମିଟର ହୋଇଥଇବା ବେଳେ ବର୍ତ୍ତମାନ ୩୮.୫୫ମିଟରରେ ନଦୀର ଜଳ ପ୍ରବାହିତ ହେଉଛି ଏବଂ କ୍ରମାଗତ ଭାବେ ଜଳସ୍ତର ବଢୁଥିବା ଦେଖିବାକୁ ମିଳୁଛି । ବୈତରଣୀ ନଦୀର ଜଳ ଏବେ ବିପଦ ସଙ୍କେତ ଉପରେ ରହୁଥିବାରୁ ଫକୀରପୁର ଏବଂ ଏହାର ତଳି ଅଂଛଳ ସମେତ ହାଟଡିହି, ଶାଳଣିଆଁ ପ୍ରଭୃତି ଅଂଚଳ କେନ୍ଦୁଝର ଜିଲ୍ଲାର ତଳିଆ ଅଂଚଳ ହୋଇଥିବାରୁ ଏହି ଅଂଚଳର ଲୋକମାନେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ଭୟଭୀତ ହୋଇଯାଇଛନ୍ତି । ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଫକୀରପୁର ଏକ ବଡ ଗ୍ରାମ ହୋଇଥିଲେ ମଧ୍ୟ ଏହାର ନଦୀବନ୍ଧ ଅସୁରକ୍ଷିତ ଅବସ୍ଥାରେ ରହିଛି ସେଥିପାଇଁ ଏହି ଅଂଚଳରେ ବନ୍ୟା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଥିବାରୁ ଏହି ଅଂଚଳର ଲୋକମାନେ ଅଧିକ ଭୟଭୀତ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏଥିସହ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବାକୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଜୟପୁର ସହର ହେବ ସୌନ୍ଦର୍ଯ୍ୟ କରଣ : ବିଧାୟକ ବାହିନୀପତି

ଜୟପୁର: ଜୟପୁର ସହରର ୨୬ ନଂ ଜାତୀୟ ରାଜପଥକୁ ସୌନ୍ଦର୍ଯ୍ୟ କରଣ କରିବା ନିମନ୍ତେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ , ଜୟପୁରଙ୍କ ଦ୍ୱାରା ଟ.୧,୫୫,୦୦୦/- ବ୍ୟୟରେ ଜୟପୁର ମୁଖ୍ୟ ଟ୍ରାଫିକ୍ ଛକ ଠାରୁ ଗାନ୍ଧି ଛକ ଯାଏଁ ସୌନ୍ଦର୍ଯ୍ୟ କରଣ ପାଇଁ ଚାରା ରୋପଣ କରାଗଲା । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ହେମ କାନ୍ତ ସାୟ ଓ ଉଦ୍ୟାନ ବିଭାଗର ଅଧିକରୀ ଉପସ୍ଥିତ ଥିଲେ । ଏହି ଅବସର ବିଧାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଜୟପୁରର ୩ଟି ପ୍ରବେଶ ପଥ ରେ ୩ଟି ଗେଟ ଲାଗିବ । ସେଠାରେ ଆଦିବାସୀ ଙ୍କ ଗାଥା ବହନ କରିବ, ବିକ୍ରମ ଦେବ ପରିମୂର୍ତ୍ତି ସ୍ଥାପନ ହେବ, ସାଗର ପୁନଃ ଉଦ୍ଧାର ଜାରି ରହିଛି । ଆଗାମୀ ଦିନରେ ସହର ସରସ ସୁନ୍ଦର ହେବାକୁ ଯାଉଛି । ଏହା ସମେତ କରୋନା ମହାମାରୀ ଯୋଗୁଁ ଅସୁସ୍ଥ ତଥା କରୋନା ଟିକା ନେଉଥିବା ଲୋକ ରକ୍ତ ଦାନ କରିପାରୁ ନାହାନ୍ତି, ଯାହା ଦ୍ୱାରା ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖାଯାଉଥିବାରୁ ରୋଗୀ ରକ୍ତ ଅଭାବର ଶିକାର ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ରକ୍ତ ଅଭାବ ଦୂର କରିବା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ ଜୟପୁର ଜିଲ୍ଲା କଂଗ୍ରେସ ଭବନଠାରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା । ସେଠାରେ ଜୟପୁର ବିଧାୟକ ପହଂଚି ରକ୍ତ ଦାନ ମହତ ଦାନ, ରକ୍ତ ବଂଚାଏ କୋଟିଏ ପ୍ରାଣ କହି ରକ୍ତ ଦାନର ମହତ ବିଷୟରେ ବୁଝାଇ ରକ୍ତ ଦାତାଙ୍କୁ ଉତ୍ସାହିତ କରାଇଥିଲେ । କୋରନା ସଂକ୍ରମଣ ଭୟରେ ଲୋକମାନେ ଘରୁ ବାହାରୁ ନାହାଁନ୍ତି । ବାଧବାଧକତାରେ ଦୈନନ୍ଦିନ ଜୀବନକୁ ସ୍ୱାଭାବିକ କରିବା ପାଇଁ ନିଜ ଅତ୍ୟାବଶ୍ୟକ ସାମଗ୍ରିର କ୍ରୟ କରିବାକୁ ଭୟରେ ଘରୁ ବାହାରୁଛନ୍ତି । ଏହି ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ବେସରକାରୀ ବ୍ୟାଙ୍କ ଏଚ.ଡି.ଏଫ.ସିର ଏକ ମୋବାଇଲ ଏ.ଟି.ଏମ୍. ର ଶୁଭ ଉଦ୍‌ଘାଟନ କରିଥିଲେ ବିଧାୟକ ବାହିନୀପତି । ଏହି ମୋବାଇଲ ଏ.ଟି.ଏମ୍ ସାହି ସାହି ଗାଁ ଗାଁ ବୁଲିବ । ଲୋକ ବଜାରକୁ ନଆସି ନିଜ ପାଖରେ ନିଜ ପଇସା ଉଠାଇ ନିଜ କର୍ଯ୍ୟରେ ଲଗାଇବେ । ଏହା ସମେତ ଲଗାତାର ଚତୁର୍ଥ ଦିନରେ ମଧ ବାହିନୀପତି ଜୟପୁର ଦୈନିକ ବଜାର, ମହାତ୍ମା ଗାନ୍ଧି ମାର୍ଗ ଓ ବେଲ ରୋଡ ରେ ଅସହାୟ , ନିଃସହାୟ ସଧାରଣ ଜନତାଙ୍କୁ କରୋନା ମହାମାରୀ ଉପରେ ସଚେତନ କରାଇ ମାସ୍କ ବାଂଟି ଲୋକଙ୍କୁ ଏହି କରୋନା ମହାମାରୀ ରୁ ରକ୍ଷା ପାଇବା ପାଇଁ ସେଚେତନ କରାଇଥିଲେ । ଏଠାରେ କୋରାପୁଟ ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଇଂ. ନିହାର ରଞ୍ଜନ ବିଶୋଇ, ଜୟପୁର ନଗର କଂଗ୍ରେସ ସଭାପତି ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ୍ କଂଗ୍ରେସ ସଭାପତି ବସନ୍ତ ନାୟକ, ଏ.ରମେଶ ଚିନ୍ମୟ ଓ ଦେବାଶିଷ ପଣ୍ଡା ଏବଂ ତାଙ୍କ ସହଯୋଗୀ ଉପସ୍ଥିତ ରହି ସାମଜିକ ଦୂରତା ରକ୍ଷା କରି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ।

## ଖମନଖୋଲ, ଲଣ୍ଡାଗାଁ କେନ୍ଦୁପତ୍ର ଫଡିରେ କାମ କରୁଛନ୍ତି ଶିଶୁ ଶ୍ରମିକ

କନ୍ଧମାଳ: କନ୍ଧମାଳ ଜିଲ୍ଲାର ବିଭିନ୍ନ କେନ୍ଦୁପତ୍ର ଫଡିରେ ଶିଶୁ ଶ୍ରମିକ ମାନେ କାମ କରୁଥିବା ଜଣାପଡିଛି । କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳର ଲଣ୍ଡାଗାଁ ଓ ଖମନଖୋଲ କେନ୍ଦୁପତ୍ର ଫଡିରେ ୪ ଜଣ ଶିଶୁ ଶ୍ରମିକ କାମ କରୁଥିବା ଖବର ପାଇବାପରେ ଫୁଲବାଣୀ ଚାଇଲ୍ଡଲାଇନର ଶିବଶଙ୍କର ବେହେରା ଓ ଚିକୁନ କୁମାର ପ୍ରଧାନଙ୍କ ସମେତ ସହକାରୀ ଶ୍ରମ ଅଧିକାରୀ ସୁଧିର କୁମାର ସାହୁ ପ୍ରମୁଖ ସେହି ଅଂଚଳରେ ଥିବା ଫଡି ଗୁଡିକରେ ତଦାରଖ କରିଥିଲେ । ଏହି ତଦନ୍ତକାରୀ ଦଳ ଖମନଖୋଲ ଫଡିରେ ୪ ଜଣ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଦେଖିବାକୁ ପାଇଲେ । ସେମାନେ ଖମନଖୋଲ ଅଂଚଳର ବୋଲି ଜଣାପଡିଛି । ଏବଂ ଏହି ଦଳ ଅନ୍ୟ ଫଡିକୁ ଯିବାବେଳକୁ ସେଠାରେ କାମ ବନ୍ଦ ହୋଇଯାଇଥିବା ଜଣାପଡିବା ପରେ ସେଠାରୁ ଫେରିଥିଲା ଏହି ଦଳ ।

## ବାତ୍ୟା ୟାସ୍ ପୂର୍ବରୁ ଯଜ୍‌ବା ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ଶୁଖିଲା ରାସନ୍ ସାମଗ୍ରୀ ବଂଟନ : ଯଜ୍‌ବାର ଏହି ପ୍ରୟାସକୁ ସବୁ ମହଲରେ ସ୍ୱାଗତ







ଭୁବନେଶ୍ୱର: ନା ଅର୍ଥ ବଳ, ନା ସ୍ୱାର୍ଥ ବଳ । ନା ଧର୍ମ ବଡ, ନା ଜାତି ବଡ । ବାସ୍ତବରେ ମଣିଷ ପଣିଆ ଦୁନିଆରେ ସବୁଠୁଁ ବଡ । ଏଭଳି ଏକ ସମାଜରେ ଜଣେ ନିଷ୍ପାପର ଦରଦୀ ଲୋକ ଅଛନ୍ତି, ସେ ହେଉଛନ୍ତ ସଫଦର୍ ହାସିମ୍ । ଲୋକଙ୍କ ପାଇଁ ସବୁବେଳେ ସବୁ ସମୟରେ ପହଂଚନ୍ତ ଏହି ଦରଦୀ ମଣିଷ । ଦୀର୍ଘ ୩୦ବର୍ଷ ଧରି ଏଭଳି ସେବା ଯୋଗାଇ ଦେଇ ଆସୁଛନ୍ତି ସଫଦର୍ ହାସିମ୍ । ଜଣେ ମଧ୍ୟବିତ ପରିବାରରୁ ଆସି ନିଜ ଗୋଡରେ ନିଜେ ଠିଆ ହୋଇ ଏବେ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି । ସଫଦର୍ ହାସିମ୍ କେବଳ ଯେ ଅସହାୟ ଲୋକଙ୍କୁ କରୋନାରେ ସହଯୋଗ କରିଛନ୍ତି ତାହା ନୁହେଁ ବରଂ ପଶୁପକ୍ଷୀମାନଙ୍କୁ ଏପରି ସମୟରେ ଖାଇବାକୁ ଯୋଗାଇ ଦେଇ ଆସୁଛନ୍ତି । ସମ୍ପ୍ରତି କରୋନା କହରରେ ସାରା ରାଜ୍ୟ କବଳିତ । ଏପରି ଏକ ଘଡିସନ୍ଧି ସମୟରେ ରାଜ୍ୟରେ ବହୁ କଳାକାର ବି ବହୁ ଅସୁବିଧାରେ ଜୀବନ କାଟୁଛନ୍ତି । ଏହି ସମୟରେ କଳାକାରମାନଙ୍କ ଦୁଃଖକୁ ହୃଦୟଙ୍ଗମ କରି ସହଯୋଗର ହାତ ବଢାଇଛି ଯଜ୍‌ବା ଅନୁଷ୍ଠାନ । ଏ ନେଇ ଆଜି ପଟିଆସ୍ଥିତ ଯଜ୍‌ବା ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟାଳୟରେ କୋଭିଡ୍ ନିୟମ ପାଳନ ପୂର୍ବକ ଅନୁଷ୍ଠାନର ଅଧକ୍ଷ ସଫଦର୍ ହାସିମ୍‌ଙ୍କ ନେତୃତ୍ୱରେ ୪ଟି ପର୍ଯ୍ୟାୟରେ ୯୦ଜଣ କଳାକାରମାନଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଂଟନ କରାଯାଇଛି । ବିଶେଷ କରି ବାତ୍ୟା ୟାସ୍‌କୁ ଦୃଷ୍ଟିରେ ରଖି ଏହି ରାସନ୍ ସାମଗ୍ରୀ ବଂଟନ କରାଯାଇଛି । ଏଥିରେ ଓଡିଆ ଚଳଚ୍ଚିତ୍ର ଜଗତ ଓ ସିରିଏଲ୍‌ରେ କାର୍ଯ୍ୟରତ ବହୁ ଟେକ୍ନିସିଆନ୍, ଲାଇଟ୍ ବଏ, ସ୍ପଟ୍ ବଏ, ଜୁନିୟର ଆର୍ଟିଷ୍ଟ ପ୍ରମୁଖଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶାର ଲୋକପ୍ରିୟ ତଥା ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ, ବରିଷ୍ଠ ହାସ୍ୟ ଅଭିନେତା ପପୁ ପମ୍‌ପମ୍ , ଅଭିନେତା ବାବୁ ରାଜା ଓ ହୃଷୀକେଶ ଦାସ ପ୍ରମୁଖ ଯୋଗ ଦେଇ କଳାକାରମାନଙ୍କୁ କୋଭିଡ୍ ନିୟମାନୁସାରେ ରାସନ୍ ସାମଗ୍ରୀ ବଂଟନ କରିଥିଲେ । ସମସ୍ତେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି ରାସନ୍ ସାମଗ୍ରୀ ଗ୍ରହଣ କରିଥିଲେ । ଆଗକୁ ଆହୁରି କଳାକାରମାନଙ୍କୁ ଏହିଭଳି ସହାୟତା କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦେଇଛନ୍ତ ଅନୁଷ୍ଠାନର ଅଧକ୍ଷ ସଫଦର୍ ହାସିମ୍ । ତେବେ ଯଜ୍‌ବାର ଏହି ପ୍ରୟାସକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି ।

## ସିଲେରୁ ନଦୀ ଡ଼ଙ୍ଗା ବୁଡି ଘଟଣାରେ ନିଖୋଜ ୨ ଜଣଙ୍କ ମୃତଦେହ ଉଦ୍ଧାର

ମାଲକାନଗିରି: ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଗୁଣ୍ଡାୱାଡା ପଂଚାୟତ ଦେଇ ବୋହିଯାଇଥିବା ସିଲେରୁ ନଦୀର କନ୍ଧଗୁଡା ଘାଟ ନିକଟରେ ଗତ ଦୁଇ ଦିନ ତଳେ ଦୁଇଟି ଦେଶୀ ଡଙ୍ଗା ବୁଡି ଯାଇଥିଲା ।ଏହି ଦୁଇଟି ଡ଼ଙ୍ଗାରେ ୧୧ ଜଣ ଯାତ୍ରୀ ରହିଥିବାବେଳେ ସେଥିମଧ୍ୟରୁ ୮ ଜଣ ନିଖୋଜ ଥିଲେ !ଗତକାଲି ଅଗ୍ନିଶମ ଓ ଓଡ୍ରାଫ ଟିମ ଦିନ ତମାମ ଖୋଜା ଖୋଜି କରି ୬ଟି ମୃତ ଦେହ ପାଇଥିବାବେଳେ ଆଜି ସକାଳୁ ନିଖୋଜ ଥିବା ଆଉ ଦୁଇ ଜଣଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା !ବହୁସମୟ ଧରି ଖୋଜାଖୋଜି କରିବାପରେ ନିଖୋଜ ଥିବା କନ୍ଧଗୁଡା ଗ୍ରାମର ଲକ୍ଷ୍ମୀ ଖରା (୨ ୨ )ଓ ଗୁଣ୍ଡାବେଡା ଗ୍ରାମର ଅନୁସାରାମ (୧ବର୍ଷ)ର ମୃତ ଦେହ ପାଇଥିଲେ ।ସମସ୍ତ ମୃତଦେହକୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ ଦୁଇଦିନ ତଳେ ତେଲେଙ୍ଗାନା ଅଂଚଳକୁ ଦାଦନ ଖଟିବାକୁ ଯାଇଥିବା ପ୍ରାୟ ୩୬ ଜଣ ଲୋକ ନିଜ ଘରକୁ କରୋନା ଜନିତ ନିୟମକୁ ଭୟକରି ଓଡ଼ିଶାକୁ ସ୍ଥଳ ପଥରେ ନ ଆସି ସିଲେରୁ ନିକଟରୁ ରାତି ସମୟରେ ଜଳପଥ ଦେଇ ନିଜ ଘରକୁ ଫେରୁଥିଲେ !ସେହି ସମୟରେ ଡଙ୍ଗା ବୁଡ଼ିଯାଇ ୮ ଜଣଙ୍କର ଜୀବନ ଅକାଳରେ ଚାଲିଗଲା ।ଚିତ୍ରକୋଣ୍ଡା ତହସିଲଦାର ଟି ପଦ୍ମନାଭ ଦୋରା ଦୁର୍ଘଟଣା ଘଟିବା ସମୟଠାରୁ ସମସ୍ତ ମୃତ ଦେହ ବାହାରିବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । ଅଗ୍ନିଶମ ଓ ଓଡ୍ରାଫ ବାହିନୀ ଦୁଇଦିନ କାଳ ଖୋଜାଖୋଜି କରି ସମସ୍ତ ମୃତ ଦେହକୁ ବାହାର କରିଥିଲେ ।ଚିତ୍ରକୋଣ୍ଡା ଏସଡିପିଓ ସୁନାରମ୍ ହେମ୍ବ୍ରମ,ଚିତ୍ରକୋଣ୍ଡା ଓଆଇସି ସୁର୍ଯ୍ୟପ୍ରକାଶ ନାୟକ ନିଜ ଟିମ ସହ ଘଟଣା ସ୍ଥଳରେ ଉପସ୍ଥିତ ରହି ଅଗ୍ନିଶମ ଓ ଓଡ୍ରାଫ ବାହିନୀକୁ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ ।ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଘଟଣା ସ୍ଥଳକୁ ଯାଇ ଶୋକ ସନ୍ତୋପ ପରିବାରକୁ ସମବେଦନା ଜଣାଇଥିଲେ !

## ତୁମୁଡ଼ିବନ୍ଧ ବ୍ଲକରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର :୪୧ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ: କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକରେ ଆଜି ବୁଧବାର ସ୍ଥାନୀୟ ଡାକ ବଙ୍ଗଳାରେ ପୂର୍ବାହ୍ନ ୯ଘ. ଠାରୁ ଅପରାହ୍ନ ୨ଘ. ପର୍ଯ୍ୟନ୍ତ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଏକ ଜୀବନ ବିନ୍ଦୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କରୋନାର ଦ୍ୱିତୀୟ ଲହର ସମଗ୍ର ବିଶ୍ୱ ତଥା ଆମରାଜ୍ୟରେ ତାର ଭୟାନକ କାୟା ବିସ୍ତାର କରି ଚାଲିଥିବା ବେଳେ ସମଗ୍ରରାଜ୍ୟରେ କରୋନା ସଂକ୍ରମଣ କୁ ରୋକିବା ପାଇଁ ତାଲାବନ୍ଦ, ସମ୍ପୂର୍ଣ୍ଣବନ୍ଦ ଇତ୍ୟାଦି କଟକଣା ଜାରି ରହିଛି । ଯାହାଫଳରେ ଏହି ସଂକଟ ସମୟରେ ରକ୍ତର ଘୋର ଅଭାବ ଦେଖାଦେଇଛି । ଏଭଳି ରକ୍ତ ଅଭାବ ଜନିତ ସମସ୍ୟାକୁ ଦୁର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ଯୁବ ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସଂମ୍ପାଦକ ଚିନ୍ମୟ ସାହୁ ଏବଂ ସ୍ଥାନୀୟ ଯୁବ ନେତା ଅଶ୍ୱିନୀ ସାହୁଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କୋଭିଡ ନିୟମ ପ୍ରକାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡାକ୍ତରୀ ଦଳ ଆସି ସ୍ୱେଚ୍ଛାସେବୀଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । କରୋନା ଜନିତ ସମସ୍ତ ପ୍ରକାର ସର୍ତକତା ମୁଳକ ପଦକ୍ଷେପ ଗ୍ରହଣ କରାଯାଇ ଏହି ଶିବିର ଆୟୋଯନ ହୋଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଚକ୍ରମଣି କହଁର, ପୁର୍ବତନ ବିଧାୟକ ରାଜୀବ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ବାସନ୍ତି ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପାତ୍ର, ସରପଂଚ ମୟନ୍ତି ପାଟମାଝୀ, ତୁମୁଡ଼ିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ସାହୁ, ବିଧାୟକ ପ୍ରତିନିଧି ଶ୍ୟାମସୁନ୍ଦର ବଡସେଟ୍, ସଞ୍ଜିବ ବରାଡ ଏବଂ ତୁମୁଡିବନ୍ଧ ବ୍ଲକର ଅନ୍ୟାନ୍ୟ ସମସ୍ତ ବିଜେଡି କର୍ମକର୍ତା ଉପସ୍ଥିତ ଥିଲେ ।

## କୋଭିଡ୍ ପାଇଁ ଭାରତର ପ୍ରଥମ ସହରବ୍ୟାପୀ ପରିବେଶୀୟ ସତର୍କତା : ଯାଂଚ ପ୍ଲାଟଫର୍ମ ଶୁଭାରମ୍ଭ

ଭୁବନେଶ୍ୱର : ଦେଶରେ କୋଭିଡ୍-୧୯ ର ଦ୍ୱିତୀୟ ଲହରୀ ମହାମାରୀ ବ୍ୟାପୁଥିବାରୁ କର୍ଣ୍ଣାଟକ ସରକାର ବାଙ୍ଗାଲୋରରେ ଏକ ସହରବ୍ୟାପୀ ସୁଏଜ୍ ସର୍ଭେଇଲାନ୍ସ ସିଷ୍ଟମ ଶୁଭାରମ୍ଭ କରିଛନ୍ତି ଯାହା ମାଧମରେ ପ୍ରାଥମିକ ସ୍ତରରେ କୋଭିଡର ଲକ୍ଷଣକୁ ଯାଂଚ କରାଯାଇପାରିବ । ୟୁନାଇଟେଡ୍ ଷ୍ଟେଟ୍ ଏଜେନ୍ସି ଫର ଇଂଟରନାସ୍‌ନାଲ୍ ଡେଭଲପମେଂଟର ଏହି ପ୍ରୟାସ ଏବଂ ସ୍କୋଲ୍ ଫାଉଣ୍ଡେସନ ସହାୟତାରେ କୋଭିଡ୍ ଆକ୍ସନ କୋଲାବ୍ ସହଯୋଗରେ ଏକ ଭାରତବ୍ୟାପୀ ୩୦୦ ରୁ ଉର୍ଦ୍ଧ୍ୱ ସଙ୍ଗଠନ ଓ ନେଟୱର୍କ କୋଭିଡ୍-୧୯ ସହାୟତା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଦେଶର ଅଧିକାଂଶ ସମ୍ବେଦନଶୀଳ ଗୋଷ୍ଠୀମାନଙ୍କ ପାଇଁ ସେବା କାର୍ଯ୍ୟ ଜାରି ରଖିଛନ୍ତି । ଗତ ବର୍ଷ ଠାରୁ ବିଶ୍ୱବ୍ୟାପୀ ବୈଜ୍ଞାନିକମାନେ ଉଦ୍‌ଭାବନ କରିଛନ୍ତି ଯେ ବର୍ଜ୍ୟଜଳ ପରୀକ୍ଷଣ ହେଉଛି ଏକ ମୂଲ୍ୟ ଉପଯୋଗୀ ପ୍ରାଥମିକ ସତର୍କତା ପ୍ରଣାଳୀ । କୋଭିଡ୍-୧୯ ବ୍ୟାପିବା ପଛରେ ଏହାର ଏକ ପ୍ରମୁଖ ଭୂମିକା ରହିଛି । ବେଙ୍ଗାଲୁରୁର ହେଲ୍‌ଥ ପ୍ଲାଟଫର୍ମରେ ଏସିଆରେ ପ୍ରଥମ ଥର କରି ସୁଏଜ୍ ଜଳ ସହିତ ସିୱରଡ୍ ଓ ଅଣ-ସିୱରଡ୍ ବର୍ଜ୍ୟ ଜଳକୁ ଏହି ନୂଆ ସଂକ୍ରମଣ ପାଇଁ ପରୀକ୍ଷା ନିରୀକ୍ଷା କରାଯାଉଛି । ଏହି ପ୍ରାଥମିକ ଚିହ୍ନଟ ଦ୍ୱାରା କୋଭିଡ୍ -୧୯ ର ପ୍ରତିକାର ପାଇଁ ସହାୟତା ମିଳିପାରିବ ଓ ମହାମାରୀରୁ ସୁରକ୍ଷା ପାଇଁ ଲୋକମାନଙ୍କୁ ଉପଯୁକ୍ତ ସହାୟତା ଦିଆଯାଇପାରିବ । ସିଏସି କର୍ଣ୍ଣାଟକ ସରକାରଙ୍କୁ ଏହି ସହାୟତା ସ୍ୱରୂପ ସାନିଟେସନ କର୍ମଚାରୀ ଏବଂ ଲାବ୍ ଟେକ୍‌ନିସିଆନମାନଙ୍କୁ ତାଲିମ୍ ବ୍ୟବସ୍ଥା ପ୍ରଦାନ କରୁଛି ଯେଉଁମାନେ କି ସୁଏଜର ନମୁନାକୁ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବେ ଓ ଏହା ଉପରେ ବିଶ୍ଲେଷଣ ତଥା ତାହାର ସୁରକ୍ଷାତ୍ମକ ନିଷ୍କାସନ କାର୍ଯ୍ୟ କରାଯାଇପାରିବ । ବୈଷୟିକ ବିଶେଷଜ୍ଞ ଗ୍ରୁପ୍ ଏ ସମ୍ବନ୍ଧରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ଓ ନୀତି ନିର୍ମାତାମାନେ କୋଭିଡ୍ -୧୯ ର ପ୍ରତିକାର, ଯତ୍ନ ଓ ବିଶ୍ଲେଷଣ ଭିତିରେ ପରିଚାଳନା ସେବା ପାଇଁ କାର୍ଯ୍ୟ କରିବେ । କର୍ଣ୍ଣାଟକ ସରକାର ବାଙ୍ଗାଲୋରରେ ୪୫ ଟି ୱାର୍ଡ଼ ମଧ୍ୟରେ ପରୀକ୍ଷଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଯୋଜନା ରଖିଛନ୍ତି । ସହରାଂଚଳ ବିକାଶର ଅତିରିକ୍ତ ମୁଖ୍ୟ ସଚିବ ରାକେଶ ସିଂ କହିଛନ୍ତି ଯେ ଏହି ପ୍ରଣାଳୀ ଦ୍ୱାରା ବେଙ୍ଗାଲୁରୁର ୭୫% ଅଂଚଳକୁ ଅନ୍ତର୍ଭୁକ୍ତ କରାଯିବ ଯେଉଁଠାରେ ନଅ ନିୟୁତ ଜନସଂଖ୍ୟା ରହିଛି ଓ ଏଠାରୁ ସପ୍ତାହକୁ ୯୦ ଡାଟା ପଏଂଟରୁ ଅଧିକ ସୃଷ୍ଟି କରାଯିବ ଏବଂ କୋଭିଡ୍ ୧୯ ର ପ୍ରତିକାର ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ । ଭାରତରେ ଆମେ ପ୍ରଥମ ଥର କରି ଏହି ପ୍ଲାଟଫର୍ମ ଶୁଭାରମ୍ଭ କରିଥିବାରୁ ଆମେ ବହୁତ ଆନନ୍ଦିତ । ଅବଶ୍ୟ ସିୱେଜ୍ ପରୀକ୍ଷଣ କ୍ଲିନିକାଲ୍ ପରୀକ୍ଷଣ ପାଇଁ ଏକ ବିକଳ୍ପ ହୋଇ ନପାରେ ଓ ନାଗରିକମାନଙ୍କୁ ଅନୁରୋଧ କରାଯାଉଛି ସେମାନେ ସୁରକ୍ଷା ନିୟମାବଳୀ ଅନୁପାଳନ କରନ୍ତୁ । ଏହି ସଚେତନତାମୂଳକ ପ୍ରଣାଳୀଟି ଏକ ମୂଲ୍ୟ ପ୍ରଭାବୀ ଉପକରଣ ଯାହାକୁ କେବଳ କୋଭିଡ୍ ୧୯ ପାଇଁ ବ୍ୟବହାର କରାଯିବ ନାହିଁ କିନ୍ତୁ ଭବିଷ୍ୟତରେ ଏହିପରି ଅନେକ ଗୁଡ଼ିଏ ସମ୍ଭାବ୍ୟ ମହାମାରୀର ପ୍ରତିକାର ଏବଂ ଲୋକମାନଙ୍କ ଭିତରେ ଆଂଟିମାଇକ୍ରୋବାୟାଲ୍ ପ୍ରତିରୋଧୀ ପଦକ୍ଷେପ ସ୍ୱରୂପ ପରିଚାଳନା କରାଯିବାକୁ ରହିଛି । ଡା. ଆଲୋ ଚୌଧୁରୀ, କୋଭିଡ୍ ଆକ୍ସନ କୋଲାବର ହେଲ୍‌ଥ ଲିଡ୍ କହିଛନ୍ତି ଯେ, ନ୍ତଯେତେବେଳେ ଆମେ ବହୁତ ଗୁଡ଼ିଏ ଅନୁଧ୍ୟାନ ଓ ଗବେଷଣା ଜାରି ରଖିଛୁ ତେଣୁ କୋଭିଡ୍ -୧୯ ଭୂତାଣୁ ସୁଏଜରେ କିପରି ରହିଛି ତାହାକୁ ଅନ୍ୱେଷଣ କରିବା ପାଇଁ ଏହି ପ୍ରଚେଷ୍ଟା ଜାରି ରହିବ । ବାଙ୍ଗାଲୋର ଏଥିପାଇଁ ନେଦରଲ୍ୟାଣ୍ଡ, ଫିନଲ୍ୟାଣ୍ଡ ଓ ଇଜରାଏଲ୍ ପରି ଆଧୁନିକ ସର୍ଭେଇଲାନ୍ସ ସିଷ୍ଟମରେ ଯୋଗ ଦେଉଛି ଓ ଏହି ପଦକ୍ଷେପକୁ ବିଶ୍ୱ ବ୍ୟାପୀ ବିଶେଷଜ୍ଞମାନେ ସହାୟତା କରୁଛନ୍ତି । ସଙ୍ଗୀତା ପଟେଲ, ଡାଇରେକ୍ଟର ୟୁଏସଏଡ୍/ ଇଣ୍ଡିଆ ହେଲ୍‌ଥ ଅଫିସ୍ କହିଛନ୍ତି ଯେ ଯେହେତୁ ମହାମାରୀ ଆରମ୍ଭରୁ ଯୁକ୍ତରାଷ୍ଟ୍ର ଆମେରିକା ଓ ଭାରତ ମିଳିମିଶି ଜୀବନ ସୁରକ୍ଷା ପାଇଁ ଚିକିତ୍ସା ବ୍ୟବସ୍ଥା ନିମନ୍ତେ କାର୍ଯ୍ୟ କରୁଛନ୍ତି ତେଣୁ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜନସାଧାରଣଙ୍କର ସାଧାରଣ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯାଉଛି । ମହାମାରୀ ସମୟରେ ଲୋକମାନଙ୍କୁ ସତର୍କ କରାଇବା, ସୁରକ୍ଷା ଦେବା ଓ ମହାମାରୀ ବ୍ୟାପିବା ପଛରେ କାରଣ ଗୁଡ଼ିକୁ ସତର୍କତାର ସହିତ ଅନୁଧ୍ୟାନ କରିବା ଏକ ଗୁରୁ ଦାୟିତ୍ୱ ଅଟେ । ୟୁଏସଏଡ୍ କୋଭିଡ୍ ଆକ୍ସନ କୋଲାବକୁ ସହାୟତା ଯୋଗାଇ ଦେଉଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଛି ଓ ଏହି ପଦକ୍ଷେପ ଦ୍ୱାରା ମହାମାରୀକୁ ସଠିକ୍ ଭାବରେ ପରିଚାଳନା କରିବା ପାଇଁ ଭୂତାଣୁକୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇପାରିବ ଓ ପରିଚାଳନା କରାଯାଇପାରିବ । କର୍ଣ୍ଣାଟକରେ ଆମେ ଏହା ଆଶା କରୁଛୁ ଯେ ଭାରତର ଅନ୍ୟାନ୍ୟ ଅଂଚଳରେ ଅନୁରୂପ ପ୍ରଣାଳୀର ସଂପ୍ରସାରଣ ପରି ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିବ । ଲୁସିଆନ୍ ଚାନ୍, ପରିଚାଳନା ନିର୍ଦ୍ଦେଶକ, ସ୍କୋଲ୍ ଫାଉଣ୍ଡେସନ କହିଛନ୍ତି ଯେ ମହାମାରୀ ସମୟରେ ବିଭିନ୍ନ ଅଂଚଳକୁ ସହାୟତା ପ୍ରଦାନ କରିବା ଆମର ଉଦ୍ଦେଶ୍ୟସ୍ୱରୂପ । ଆମେ ଚାହୁଁଛୁ ଏହିସବୁ ଅଂଚଳରେ ମହାମାରୀକୁ ସଠିକ୍ ରୂପେ ଅନୁଧ୍ୟାନ କରିବା ପାଇଁ ଏକ ଫଳପ୍ରଦ ତଥା ମୂଲ୍ୟ ଉପଯୋଗୀ ପ୍ରଣାଳୀର ଆବଶ୍ୟକତା ରହିଛି । କୋଭିଡ୍ ଆକ୍ସନ କୋଲାବ ଦ୍ୱାରା ବିକଶିତ ଏହି ଜନସ୍ୱାସ୍ଥ୍ୟ ସର୍ବେକ୍ଷଣ ବ୍ୟବସ୍ଥା ଦ୍ୱାରା ଭୂତାଣୁର ସଂକ୍ରମଣକୁ ସଠିକ୍ ରୂପେ ଅନୁଧ୍ୟାନ କରାଯାଇପାରିବ ଓ ଏହା ବ୍ୟାପିବା ପୂର୍ବରୁ ଉପଯୁକ୍ତ ପଦକ୍ଷେପ ନିଆଯାଇପାରିବ । ଏହି କାର୍ଯ୍ୟକ୍ରମଟିର ସମ୍ଭାବନା ଯଥେଷ୍ଟ ରହିଛି ଓ ଅନ୍ୟାନ୍ୟ ସରକାର ସେମାନଙ୍କ ସଂପୃକ୍ତ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM




MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray